ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢ଼ିବାକୁ ଏବଂ ବିଜୟ ଲାଭକରିବାକୁ। –ଶ୍ରୀମା



# ଇମ୍ପାକ୍ଟ ଆକାଉଣ୍ଟିଂ

ଆମର ପ୍ରମୁଖ ଚ୍ୟାଲେଞ୍ଜଗୁଡ଼ିକ କିଭଳି ପରସ୍ପରସହ ଜଡିତ ହୋଇ ରହିଛି ତାହା କୋଭିଡ-୧୯ ସଙ୍କଟ ପ୍ରକାଶ କରିଦେଇଛି । ଜୈବବିବିଧତା ହ୍ରାସ ଏବଂ ଅସମାନତା ବୃଦ୍ଧି ଏକ ବଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ବିପତ୍ତି ସୃଷ୍ଟି କରିଛି,ଏକ ଶତାବ୍ଦୀ ମଧ୍ୟରେ ସବୁଠୁ ଖରାପ ଅର୍ଥନୈତିକ ସଙ୍କଟ ସୃଷ୍ଟି କରିଛି। ଏଭଳି ପରିସ୍ଥିତିରେ ବହୁ ସମୟରେ ଲୋକେ ଯାହାକୁ ପୂର୍ବରୁ ଅସ୍ୱୀକାର କରିଥାନ୍ତି ହଠାତ୍ ପରିବର୍ତ୍ତନ ମୁହାଁ ହୋଇ ତାହାକୁ ଗ୍ରହଣ କରିଥାନ୍ତି। ଉଦାହରଣ ସ୍ୱରୂପ କର୍ପୋରେଟ ୱାର୍ଲ୍ଡରେ ଏକ ବଡ ସିଫ୍ଟ ରହିଛି । ଏଇଠି ଅନେକ ମ୍ୟାନେଜର ଏବଂ ନିବେଶକ ଅଧିକ ସ୍ଥାୟୀ ଏବଂ ଦାୟିତ୍ୱସମ୍ପନ୍ନ କାର୍ଯ୍ୟ ଓ ବିଜ୍‌ନେସ ମଡେଲ ଗ୍ରହଣ କରିବାକୁ ଇଚ୍ଛୁକ ରହିଛନ୍ତି। ଆମେ କିପରି ନିଶ୍ଚିତ ହେବା ଯେ ସବୁ ବିଜ୍‌ନେସ ଠିକ୍ ଭାବେ ଚାଲିଛି ଏବଂ ସେଗୁଡ଼ିକ ଶେୟାର ହୋଲଡର ଏବଂ ଇନଭେଷ୍ଟରଙ୍କ ଆବଶ୍ୟକତା ଓ ଚାହିଦା ପୂରଣ କରିପାରିବ । ଏହାର ଏକ ସ୍ପଷ୍ଟ ଉତ୍ତର ଏନଭାଇରନମେଣ୍ଟାଲ, ସୋସିଆଲ ଏବଂ ଗଭର୍ନାନ୍ସ ଷ୍ଟାଣ୍ଡାର୍ଡ ବା ପରିବେଶଗତ,ସାମାଜିକ ଏବଂ ଶାସକୀୟ ମାନକ ( ଇଏସ୍‌ଜି)ମଧ୍ୟରେ ରହିଛି। କିନ୍ତୁ ଇଏସ୍‌ଜି ଏହାର ଆଂଶିକ ସମାଧାନ କରିପାରିବ । କାରଣ ଏହି କ୍ଷେତ୍ର ଏବେ ବହୁତ ବଢୁଛି। ଏହା ଅଧିକ ଜଟିଳ ଓ ଭ୍ରମାତ୍ମକ ହୋଇଯାଇଛି। ଭାଗ୍ୟବଶତଃ ଏବେ ମୁଖ୍ୟ ଇଏସ୍‌ଜି ଷ୍ଟାଣ୍ଡାର୍ଡ-ସେଟରଗୁଡ଼ିକରେ ଯଥା ଗ୍ଲୋବାଲ ରିପୋର୍ଟିଂ ଇନିସିଏଟିଭ ଏବଂ ସଷ୍ଟେନାବିଲିଟି ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ ବୋର୍ଡ ଭଳି କିଛି ଏକୀକରଣ ହେବା ଦେଖାଦେଇଛି। ସେମାନେ ଏକାଠି କାମ କରିବେ ବୋଲି ଘୋଷଣା କରିଛନ୍ତି। ସେମାନଙ୍କ ଲକ୍ଷ୍ୟ କେବଳ ଏକ ଏକକ ମାନକ ସୃଷ୍ଟି ପାଇଁ ନୁହେଁ ବରଂ କିଭଳି ମାନକଗୁଡ଼ିକୁ ସମାନ୍ତର ଭାବେ ଉପଯୋଗ କରାଯାଇପାରିବ ସେ ସମ୍ପର୍କରେ ଷ୍ଟେକହୋଲଡରମାନଙ୍କୁ ବୁଝାଇବାକୁ ହେବ ।

ସେହିଭଳି ସ୍ୱଚ୍ଛତା, ତୁଳନୀୟତା ଏବଂ ସ୍ଥିରତା ବା ସୁସଙ୍ଗତି ପରିପ୍ରେକ୍ଷୀରେ ୱାର୍ଲ୍ଡ ଇକୋନୋମିକ ଫୋରମ ବା ବିଶ୍ୱ ଆର୍ଥିକ ମଞ୍ଚର ଇଣ୍ଟରନ୍ୟାଶନାଲ ବିଜ୍‌ନେସ କାଉନ୍‌ସିଲ ନିକଟରେ ଷ୍ଟେକହୋଲ୍‌ଡର କ୍ୟାପିଟାଲିଜମ ମେଟ୍ରିକ୍ସ ଜାରି କରିଛି। ଆଗୁଆ ପ୍ରାଇଭେଟ ଷ୍ଟାଣ୍ଡାର୍ଡ- ସେଟର୍‌ମାନଙ୍କ ମଧ୍ୟରେ ସମ୍ମିଳିତ ମନୋଭାବ ବଢ଼ାଇବା ଲକ୍ଷ୍ୟରେ ଏହା କରିଛି। ୟୁରୋପୀୟ ସଂଘ ଏହାର ଅଣ ବିତ୍ତୀୟ ରିପୋର୍ଟି ଡାଇରେକ୍ଟିଭ୍‌ର ଏକ ସମୀକ୍ଷା ଆରମ୍ଭ କରିଛି। ଏଥିରେ ବଡ କମ୍ପାନୀଗୁଡ଼ିକୁ ସେମାନେ କିଭଳି ଚଳାଉଛନ୍ତି ଏବଂ ସାମାଜିକ ଓ ପରିବେଶଗତ ଆହ୍ୱାନର ପରିଚାଳନା କରୁଛନ୍ତି ତା'ସମ୍ପର୍କରେ ପ୍ରକାଶ କରିବାର ଆବଶ୍ୟକତା ରହିଛି। ଏହା ସବୁ ଅତ୍ୟନ୍ତ ଭଲ। ଇଏସ୍‌ଜି ଫାଇନାନ୍ସିଂ ସେକ୍ଟର ଦ୍ରୁତ ଗତିରେ ବଢୁଛି ଏବଂ ଆଗକୁ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହାଦ୍ୱାରା କମ୍ପାନୀଗୁଡ଼ିକ କୋଭିଡ-୧୯ ସଙ୍କଟରେ ଆହୁରି ମଜଭୁତ ହୋଇପାରିବ ବୋଲି କୁହାଯାଉଛି। କିନ୍ତୁ ଯଦି ନିବେଶକମାନେ ଏହି କର୍ପୋରେଟ ଇସିଜିର ପ୍ରକାଶିତ ତଥ୍ୟକୁ ଆଉ ଏକ ସହ ତୁଳନା ନ କରିବେ ତେବେ ଏହି ଅଗ୍ରଗତିରେ ବାଧା ଉପୁଜିବ । ଏକ ସ୍ପଷ୍ଟ, ସମାନ ମାନକ ଏବଂ ପ୍ରକାଶ୍ୟ ନିୟମ ଆମର ଦରକାର । ଏହାର ମାନେ ନୁହେଁ ଯେ ଗୋଟିଏ ସେଟ୍ ଷ୍ଟାଣ୍ଡାର୍ଡ ବା ମାନକ ଦରକାର । କିଛି ରିପୋର୍ଟି ଷ୍ଟାଣ୍ଡାର୍ଡ ଅନ୍ୟ ଆପେକ୍ଷା ଅଧିକ ତଥ୍ୟ ଦେବ । କିଛି ଏଭଳି ବିଷୟ ଉପରେ ଜୋର ଦେବ ଯାହା ଉଦ୍ୟୋଗର ମାନ ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ ଏବଂ ଆଉ କିଛି ବିଶ୍ୱରେ କମ୍ପାନୀର ପ୍ରଭାବ ଉପରେ ଗୁରୁତ୍ୱ ଦେବ । ଏବେ ବି ଇସିଜି ରିପୋର୍ଟିଂ ଉପରେ ଭିନ୍ନ ଭିନ୍ନ ଦୃଷ୍ଟିକୋଣ ରହିଛି। କିନ୍ତୁ ସାରା ବିଶ୍ୱ ସେହି ଏକା ଆଧାର ଉପରେ ରହିଛି। ଯାହାହେଉ ଇସିଜି ରିପୋର୍ଟିଂ ଦ୍ୱନ୍ଦ୍ୱରେ ରହିଛି। ବିଜନେସଗୁଡ଼ିକ ଇସିଜି ଆଧାରିତ ରିସ୍କକୁ ମାନକ ଦ୍ୱାରା ହିଁ ପୂରଣ କରବା ଦରକାର । ଏହାର ପରିବେଶ ଓ ସମାଜ ଉପରେ କି ନକାରାତ୍ମକ ଓ ସକାରାତ୍ମକ ପ୍ରଭାବ ରହିଛି ତାହା ଆକଳନ କରିବା ଆବଶ୍ୟକ । ଆଉ ଏକ ଉପାୟରେ ଆମେ ନିଶ୍ଚିତ ଅନ୍ୟ ଏକ ସଫଳ ବିଶ୍ୱକୁ ଆଡକୁ ଯାଇପାରିବା । କମ୍ପାନୀର ବ୍ୟାପ୍ତ ପ୍ରଭାବ ଆକଳନ କରିବା କର୍ପୋରେଟ ଆକାଉଣ୍ଟିଂର ପ୍ରଥମ ପାହାଚ। ଏହି ପ୍ରକାର ଢାଞ୍ଚା କର୍ପୋରେଟ ଲିଡରମାନଙ୍କୁ ସେମାନଙ୍କ ମୁଖ୍ୟ ରଣନୀତିର ଲକ୍ଷ୍ୟ ହାସଲ କରିବାକୁ ଉତ୍ସାହିତ କରିବ । ନିବେଶରେ ପୁଞ୍ଜି ଲଗାଣକୁ ବଢାଇପାରିବ । ଏହା ମଧ୍ୟ ସରକାରଙ୍କୁ କର୍ପୋରେଟ କାର୍ଯ୍ୟକୁ ପ୍ରଭାବିତ କରିବା ଭଳି ନୀତି ଗହଣ କରିବାକୁ ସହଜ ହେବ । ଷ୍ଟେକହୋଲ୍‌ଡର କେଉଁଠି ପୁଞ୍ଜି ଲଗାଇବେ ତାହା ସୃଷ୍ଟି କରିବା ପାଇଁ ଇମ୍ପାକ୍ଟ ଆକାଉଣ୍ଟିଂ ସବୁଠୁ ଭଲ ପଦ୍ଧତି। ଜଳବାୟୁଗତ ଏବଂ ଜୈବବିବିଧତା ପ୍ରଭାବ ଉପରେ କି ନିଷ୍ପତ୍ତି ନିଆଯାଇଛି ତା'ଉପରେ ଏହା ସୂଚନା ଦିଏ। ଏହା ମଧ୍ୟ ନିଯୁକ୍ତି ସମସ୍ୟା ଓ ବୃତ୍ତିଗତ, ସ୍ୱାସ୍ଥ୍ୟ ଓ ସୁରକ୍ଷା ସମସ୍ୟାର ମାପ ବା ଆକଳନ କରେ । ଏହା କମ୍ପାନୀଗୁଡ଼ିକୁ ସେମାନଙ୍କ ଯୋଗାଣ ଚେନ୍‌ରେ କାରବାର ବଢାଇବାକୁ ଉତ୍ସାହିତ କରେ । ଏହାଦ୍ୱାରା ସେମାନେ ରିଟର୍ନ ପାଇଥାନ୍ତି। ଅଚାନକ ଝଟକା ବିରୋଧରେ ଲଢି ସେମାନଙ୍କୁ ଏହା ମଜଭୁତ କରିପାରେ । ଇମ୍ପାକ୍ଟ ମେଟ୍ରିକ୍ସ (କମ୍ପାନୀର କ'ଣ ପ୍ରଭାବ ରହିଛି ତାହା ଜାଣିବା) ଉପଭୋକ୍ତାଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧି କରିବାର ଏକମାତ୍ର ଚାବିକାଠି। ଅବଶ୍ୟ ସବୁ କମ୍ପାନୀର ବିଶ୍ୱ ଉପରେ ସମାନ ପ୍ରଭାବ ରହିବ ନାହିଁ। କିଛି ଉଦ୍ୟୋଗରେ ଇମ୍ପାକ୍ଟ ଆକଳନ କରିବା ବା ମାପିବା ସବୁବେଳେ ନକାରାତ୍ମକ ରହିଥାଏ। ଏଣୁ ଯେଉଁ କମ୍ପାନୀଗୁଡ଼ିକର ସବୁଠୁ ଅଧିକ ସକାରାତ୍ମକ ପ୍ରଭାବ ରହିଛି ଓ ଯେଉଁଗୁଡ଼ିକର କେବଳ ନକାରାତ୍ମକ ପ୍ରଭାବ ରହିଛି ସେଗୁଡିକୁ ପୃଥକ କରିବାକୁ ହେବ । ଇମ୍ପାକ୍ଟ ଆକାଉଣ୍ଟିଂ ଫାଇନାନ୍ସିଆଲ ଆକାଉଣ୍ଟିଂର ଅନୁପୂରକ ହୋଇପାରିବ କି ନାହିଁ ତାହା ହିଁ ପ୍ରଶ୍ନ। ଯାହାହେଉ କମ୍ପନାଗୁଡ଼ିକର ପ୍ରଭାବ ମାପ କରିବା ଭାରି ଜଟିଳ। ଏହା କେବଳ ସମ୍ଭାବନା ଉପରେ ପର୍ଯ୍ୟବସିତ, ଯାହାକୁ ସହଜରେ ଚ୍ୟାଲେଞ୍ଜ କରାଯାଇପାରିବ। ଏହା ସହ ଏବେ ଫାଇନାନ୍ସିଆଲ ଆକାଉଣ୍ଟିଂ ପଦ୍ଧତି ବି ଠିକ ହେଉନାହିଁ। ଏହା ଆର୍ଥିକ ବାସ୍ତବତାକୁ ଅଣଦେଖା କରି ଆକଳନ କରାଯାଉଛି। ଏଣୁ ଆମେ କମ୍ପାନୀଗୁଡ଼ିକର ସାମାଜିକ ଏବଂ ପରିବେଶଗତ ପ୍ରଭାବ ମାପ କରିବା ସମୟରେ ଉଚିତ ତଥ୍ୟକୁ ଅଣଦେଖା କରିବା ଉଚିତ ନୁହେଁ । ଇଏସଜି ଦ୍ୱାରା ପ୍ରଭାବ ମାପ କରିବାଠାରୁ ଆରମ୍ଭ କରୁ ଏବେ ଆମେ ଉନ୍ନତ ଢାଞ୍ଚାରେ ପହଞ୍ଚିଛୁ। ଆଗକୁ ଏମିତି ବିକଶିତ ହୋଇ ଚାଲିବ । କାର୍ଯ୍ୟ,ଯୋଗାଣ ଚେନ ଏବଂ ପରିବେଶଗତ ଓ ସାମାଜିକ ଆକଳନ, ସାମଗ୍ରୀ ଓ ସେବାର ପ୍ରଭାବୀ ଇମ୍ପାକ୍ଟ ଆକାଉଣ୍ଟିଂ ଦ୍ୱାରା ସରକାର ନୂଆ ନୀତି ପ୍ରଣୟନ କରିବାକୁ ସକ୍ଷମ ହେବେ, ଯାହାଦ୍ୱାରା କମ୍ପାନୀଗୁଡ଼ିକ ଉତ୍ସାହିତ ହେବା ସହ ପରିବେଶ ଉପରେ ଥିବା ନକାରାତ୍ମକ ପ୍ରଭାବକୁ କମ କରିପାରିବେ ।

## ଆଜିର ଅର୍ଥନୀତି

# ଭଲ ଦିଗ ପ୍ରତି ଅଣଦେଖା କାହିଁକି



ଇପ୍ସିତା ମହାନ୍ତି

କିଛିମାସ ଧରି ଡ୍ରଗ୍ସ ତସ୍କର ଓ ବଲିଉଡ ମାଫିଆଙ୍କ ମଧୁଚନ୍ଦ୍ରିକାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଚାଲିଛି ; ଯାହାର ପ୍ରଭାବ ମନୋରଞ୍ଜନ ଦୁନିଆ ସହ ଗଣମାଧ୍ୟମ ଉପରେ ପଡ଼ିଛି । ସଭିଏ ଏହାର ଜାଲରେ ଛନ୍ଦି ହୋଇଥିବା ବେଳେ କ୍ଷୁଦ୍ର ତଥା ନାମମାତ୍ର ଗଞ୍ଜେଇ ଚାଷୀଙ୍କ ଜୀବନଜୀବିକା ଉପରେ ଏହା କିଭଳି ପ୍ରଭାବ ପକାଇଛି ତାହା ବୁଝିବା ପାଇଁ ଆମକୁ ବେଶ୍ କିଛି ସମୟ ଲାଗିଯିବ । କିନ୍ତୁ ଗଞ୍ଜେଇ ଗଛର ଔଷଧୀୟ ଗୁଣ, ତାହାର ଅଣନିଶାକାରୀ ଗୁଣ ଓ ଅନ୍ୟାନ୍ୟ ଅଦୃଶ୍ୟ ଗୁଣ ଉପରେ ଜାରି ରହିଥିବା ବିଭିନ୍ନ ବୈଜ୍ଞାନିକ ଗବେଷଣା ଉପରେ ଏହି ବିବାଦ ସବୁଠାରୁ ବଡ ପ୍ରଭାବ ପକାଇଛି । ବିଭିନ୍ନ ଗଣମାଧ୍ୟମ ଓ ଯାଞ୍ଚକାରୀ ସଂସ୍ଥା ଗଞ୍ଜେଇ ସମେତ ଅନ୍ୟାନ୍ୟ କୃତ୍ରିମ ନିଶାଦ୍ରବ୍ୟକୁ ଏକା ଦୃଷ୍ଟିରେ ଦେଖୁଥିବାରୁ ଲୋକେ ଗଞ୍ଜେଇ ଗଛକୁ କେବଳ ଏକ ମନ୍ଦ ପ୍ରକୃତିର ଉଦ୍ଭିଦ ନୁହେଁ ବରଂ ଏକ କ୍ଷତିକାରକ ଉଦ୍ଭିଦ ବୋଲି ଭାବି ନେଇଛନ୍ତି । ବିଭିନ୍ନ ଅନୁସନ୍ଧାନ ତଥା ଗବେଷଣାତ୍ମକ ତଥ୍ୟ ଅନୁଯାୟୀ ମାନସିକ ବିକାର, ଅପସ୍ମାର, କର୍କଟ, ବ୍ୟଥା ନିବାରଣ ଓ ଏକ୍‌ଜିମା ଭଳି ବିଭିନ୍ନ ପ୍ରକାରର ଚର୍ମରୋଗ ପାଇଁ ଗଞ୍ଜେଇର ଅଣନିଶାକାରୀ ଏବଂ ଅଦୃଶ୍ୟ ଗୁଣ ଅତ୍ୟନ୍ତ ଫଳପ୍ରଦ ହୋଇଥାଏ ।

ବେଙ୍ଗାଲୁରୁଠାରେ ପ୍ରତିଷ୍ଠିତ ନମ୍ରତା ହେଲ୍‌ଥ କେୟାରର ପରିଚାଳନା ନିର୍ଦ୍ଦେଶକ ହର୍ଷବର୍ଦ୍ଧନ ରେଡ୍ଡୀ ସିରୁପାଙ୍କ କହିବା ଅନୁସାରେ ଗଞ୍ଜେଇ ଚାଷ ଏବଂ ଏହାକୁ ନେଇ ଗବେଷଣା, ଅଧ୍ୟୟନ, ଅନୁସନ୍ଧାନ ତଥା ଔଷଧୀୟ ଉଦ୍ୟୋଗର ପ୍ରତିଷ୍ଠା ସକାଶେ ନିଷ୍ପତ୍ତି ନେବା ଓ ଅନୁମତି ଦେବାକୁ ସରକାରଙ୍କୁ ୩ରୁ ୪ ବର୍ଷ ସମୟ ଲାଗିଯିବ । ସିରୁପାଙ୍କ ଆଶଙ୍କା ଏକ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଆଗ୍ରହୀ ଥିବା ବିଭିନ୍ନ ବ୍ୟବସାୟୀଙ୍କ ଆଶଙ୍କା ସହ ମେଳ ଖାଉଛି । ଆଇନକାନୁନରେ ଉଚିତ ପରିବର୍ତ୍ତନ ସହ ଗଞ୍ଜେଇକୁ କୃଷି ଓ ଉଦ୍ୟାନ କ୍ଷେତ୍ରରେ, କପଡ଼ା ଉଦ୍ୟୋଗରେ, ଔଷଧ ପ୍ରସ୍ତୁତି ତଥା ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ବ୍ୟବହାର କରିବା ଆଶାରେ ଏସବୁ ବ୍ୟବସାୟୀ ଓ ଉଦ୍ୟୋଗପତି ଏହି କ୍ଷେତ୍ରକୁ ଓହ୍ଲାଇ ଥିଲେ । ଏମାନଙ୍କର ଆକଳନ ଥିଲା ୨୦୨୫ସୁଦ୍ଧା ଏସବୁ ଉଦ୍ୟୋଗର ବଜାର ୧ଶହରୁ ଦେଢଶହ ଆରବ କୋଟିରେ ପହଞ୍ଚିଯିବ । ମାତ୍ର ବର୍ତ୍ତମାନର ପରିସ୍ଥିତି ଏହି ଆକଳନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଦିଲ୍ଲୀସ୍ଥିତ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ଜାତୀୟ ଡ୍ରଗ୍ ନିର୍ଭରଶୀଳ ଚିକିତ୍ସା କେନ୍ଦ୍ର ଓ ମାନସିକ ଚିକିତ୍ସା ବିଭାଗର ଡାକ୍ତର ଅତୁଲ ଆମ୍ବେଦକରଙ୍କ କହିବା ଅନୁସାରେ ଗଞ୍ଜେଇର ଉପକାରିତା ବିଷୟରେ ମୂଳ ରୂପରେ ଅନେକ ଅଦୃଶ୍ୟ ଦିଗ ରହିଛି । ଏସବୁ ଦିଗ ପ୍ରତି ଗବେଷଣା ହେବା ନିହାତି ଆବଶ୍ୟକ । ଏହି ମାମଲାରେ କେଉଁସବୁ ବିଷୟକୁ ମାନିବା ଓ କେଉଁସବୁ ବିଷୟକୁ ମାନିବା ନାହିଁ ତାହା ପ୍ରଥମେ ସ୍ଥିର ହେବା ଦରକାର । ତେବେ ଯାଇ ଏଥିରୁ ଉପକାର ମିଳିପାରିବ । କିନ୍ତୁ ଆମ ପ୍ରଚଳିତ ଆଇନ ବ୍ୟବସ୍ଥା ଲୋକଙ୍କୁ ଗଞ୍ଜେଇଠାରୁ ଦୂରେଇ ରହିବା ପାଇଁ କହୁଛି । ବିଡ଼ମ୍ବନାର ବିଷୟ, ଏସବୁ ନିୟମ ସେହି ମାନ୍ଧାତା ଅମଳର । ଆମ ସମାଜକୁ କିଏ ସବୁଠାରୁ ଅଧିକ କ୍ଷତି ପହଞ୍ଚାଉଛି ଏ ବିଷୟରେ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ଜାତୀୟ ଡ୍ରଗ୍ ନିର୍ଭରଶୀଳ ଚିକିତ୍ସା କେନ୍ଦ୍ରର ସଦ୍ୟ ଅଧ୍ୟୟନରୁ ଜଣାପଡ଼ିଛି । ଗତବର୍ଷ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଏହି ଅଧ୍ୟୟନ ପାଇଁ ଉପରୋକ୍ତ ସଂସ୍ଥାକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି ଅଧ୍ୟୟନର ତଥ୍ୟ ଅନୁଯାୟୀ ଆମ ଦେଶର ୧୩୦କୋଟି ଲୋକଙ୍କ ମଧ୍ୟରୁ ପ୍ରାୟ ୨କୋଟି ଲୋକ ଗଞ୍ଜେଇ ଗଛରୁ ପ୍ରସ୍ତୁତ ଉତ୍ପାଦକ ସେବନ କରିଥାନ୍ତି । ଆମ ଦେଶରେ ଔଷଧରେ ଅତି କମ୍ ପରିମାଣର ଗଞ୍ଜେଇ ବ୍ୟବହାର ହୋଇଥାଏ । ଅପରପକ୍ଷରେ ଚାଇନାରେ ଏହା ଯଥେଷ୍ଟ ବେଶି ।

ଗଞ୍ଜେଇରେ ଟେଟ୍ରାହାଇଡ୍ରୋକାନାବିନୋଲ୍ ବା ଟିଏଚସି ଏବଂ କାନାବିଡିଓଲ୍ ବା ସିବିଡି ନାମକ ୨ପ୍ରକାରର ରାସାୟନିକ ପଦାର୍ଥ ପ୍ରଚୁର ପରିମାଣରେ ରହିଛି । ଟେଟ୍ରାହାଇଡ୍ରୋକାନାବିନୋଲ୍ ବା ଟିଏଚ୍‌ସି ନିଶା ସୃଷ୍ଟି କରାଇଥାଏ । ଏଥିରେ ଏପରି କିଛି ଗୁଣ ରହିଛି, ଯାହା ଚିକିତ୍ସା କ୍ଷେତ୍ରରେ ସୀମିତ ପରିମାଣରେ ବ୍ୟବହାର କରାଯାଇ ପାରିବ । ଶ୍ୱାସକ୍ରିୟାରେ ସମସ୍ୟା ଥିବା ରୋଗୀଙ୍କ ପାଇଁ ଟେଟ୍ରାହାଇଡ୍ରୋକାନାବିନୋଲ୍ ବା ଟିଏଚସି ବେଶ୍ ଉପଯୋଗୀ ସାବ୍ୟସ୍ତ ହେଉଥିବା ଜଣାପଡ଼ିଛି । ଗୁରୁତର କରୋନା ରୋଗୀଙ୍କ ପାଇଁ ଗଞ୍ଜେଇ ଚିକିତ୍ସା ଉପଯୋଗୀ ହୋଇପାରିବ ବୋଲି କିଛିଦିନ ତଳେ ଆମେରିକାର ସାଉଥ କାରୋଲିନା ବିଶ୍ୱବିଦ୍ୟାଳୟର ଗବେଷକଗଣ ଦାବି କରିଥିଲେ । ମୂଷାଙ୍କ ଉପରେ ଗଞ୍ଜେଇ ଚିକିତ୍ସା ସଫଳ ହେବା ପରେ ଏମାନଙ୍କ ଆଶା ଦ୍ୱିଗୁଣିତ ହୋଇଅଛି । ମାତ୍ର କାନାବିଡିଓଲ୍ ବା ସିବିଡି ଚିକିତ୍ସା କ୍ଷେତ୍ରରେ ଅଧିକ ଉପାଦେୟ ହୋଇଥିବାରୁ ବୈଜ୍ଞାନିକଙ୍କୁ ଗବେଷଣା ପାଇଁ ଏହା ଖୋରାକ ଯୋଗାଇ ଥାଏ ।

ମୁମ୍ବାଇସ୍ଥିତ କସ୍ତୁରବା ମେଡିକାଲ ସୋସାଇଟିର ଆୟୁର୍ବେଦିକ ପରାମର୍ଶଦାତ୍ରୀ ଡା.କଳ୍ପନା ଧୁରୀ ଶାହଙ୍କ ମତରେ ଯେଉଁ ରୋଗୀଙ୍କୁ ଔଷଧରେ ଗଞ୍ଜେଇ ମିଶିଛି ବୋଲି କୁହାଯାଉଛି ତାଙ୍କ ମନରେ ଏହାକୁ ନେଇ କୌଣସି ପ୍ରକାରର ନକାରାତ୍ମକ ପ୍ରତିକ୍ରିୟା ଦେଖିବାକୁ ମିଳୁନାହିଁ । ଆମ ଦେଶରେ ଖ୍ରୀଷ୍ଟପୂର୍ବ ୫ଶହରୁ ଗଞ୍ଜେଇ ଏକ ଔଷଧୀୟ ଦ୍ରବ୍ୟ ରୂପେ ବ୍ୟବହୃତ ହୋଇଆସୁଛି । ୧୯୬୧ର ନାର୍କୋଟିକ୍ସ ଡ୍ରଗ୍ସ କନ୍‌ଭେନ୍ସନରେ ସବୁଠାରୁ ବିପଜ୍ଜନକ ଡ୍ରଗ୍ସ ତାଲିକାର ଗଞ୍ଜେଇକୁ ତାଲିକାଭୁକ୍ତ କରାଯାଇଥିଲା । ଏଥିରୁ ବାଦ୍ ଦେବା ପାଇଁ ୨୦୧୯ରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା । ପୂର୍ବରୁ ୧୯୮୫ରେ ଆମେରିକାର ଚାପରେ ପଡ଼ି ଭାରତ ସମେତ ପୃଥିବୀର ବିଭିନ୍ନ ଦେଶ ଗଞ୍ଜେଇ ଚାଷକୁ ବେଆଇନ ଘୋଷଣା କରି ଏହାର ପରିବହନ, ଆମଦାନୀ ଓ ରପ୍ତାନି ଉପରେ କଟକଣା ଲଗାଇଥିଲେ । ଫଳରେ ଏହାର ପ୍ରଭାବ ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତି, କାଗଜ, କପଡ଼ା, ଚକୋଲେଟ୍, ମିଠା, କସ୍‌ମେଟିକ୍, ଗୃହ ନିର୍ମାଣ ସାମଗ୍ରୀ, ଜୋତା ରଙ୍ଗ ଆଦି ଉଦ୍ୟୋଗ ଉପରେ ପଡ଼ିଛି । ତେଣୁ ଆମ ଦେଶରେ ପ୍ରଚଳିତ ଏଥି ସମ୍ପର୍କିତ ଆଇନକାନୁନରେ ପରିବର୍ତ୍ତନର ଆବଶ୍ୟକତା ରହିଛି । ତା'ହେଲେ ଯାଇ ବିଭିନ୍ନ କମ୍ପାନୀ ଓ ଉଦ୍ୟୋଗପତି ଏଥି ସମ୍ବନ୍ଧୀୟ ବିଭିନ୍ନ ଗବେଷଣା, ଅଧ୍ୟୟନ ଓ ଉନ୍ନୟନ କାର୍ଯ୍ୟ ସକାଶେ ପୁଞ୍ଜି ନିବେଶ ପାଇଁ ଆଗେଇ ଆସିବେ । ବିଶେଷଜ୍ଞଙ୍କ କହିବା ଅନୁସାରେ ଭାରତରେ ବିଭିନ୍ନ କିସମର ଏହି ଉଦ୍ଭିଦ ପ୍ରଚୁର ପରିମାଣରେ ରହିଥିବା ସତ୍ତ୍ୱେ ଆମେ ଔଷଧ ପ୍ରସ୍ତୁତି ପାଇଁ ଏହାକୁ ବିଦେଶରୁ ଆମଦାନୀ କରୁଛୁ । ଏକଥା ଯେତିକି ହାସ୍ୟାସ୍ପଦ ସେତିକି ଆଶ୍ଚର୍ଯ୍ୟଜନକ । କାରଣ ଏପଟେ ଆମ ଦେଶର କେତେକ ଅଞ୍ଚଳରେ ଗଞ୍ଜେଇ ଚାଷକୁ ତ ଆଉ କେତେକ ଅଞ୍ଚଳରେ ଜବତ ଗଞ୍ଜେଇକୁ ବେଆଇନ ଦର୍ଶାଇ ପୋଡି ନଷ୍ଟ କରି ଦିଆଯାଉଛି । ସେ ପରମାଣୁ ହେଉ ଅବା ଗଞ୍ଜେଇ ପ୍ରତ୍ୟେକ ଜିନିଷର ଭଲମନ୍ଦ ଭଳି ଉଭୟ ଦିଗ ରହିଅଛି । ମନ୍ଦ ଦିଗଟି ନକାରାତ୍ମକ ଭାବରେ ଜୀବଜଗତର କ୍ଷତି ପହଞ୍ଚାଇ ସମାଜର ବିନାଶ ଘଟାଉଥିବା ବେଳେ ଭଲ ଦିଗଟି ସକାରାତ୍ମକ ଢଙ୍ଗରେ ଜନକଲ୍ୟାଣ କାର୍ଯ୍ୟରେ ଜୀବଜଗତ ଓ ସମାଜର ମଙ୍ଗଳ ସାଧନ କରିଥାଏ । ଏ ଦୃଷ୍ଟିରୁ ଗଞ୍ଜେଇର ଭଲ ଦିଗକୁ ଜନକଲ୍ୟାଣ କ୍ଷେତ୍ରରେ ବିନିଯୋଗ ପାଇଁ ସରକାର ପ୍ରତିବଦ୍ଧତା ଦେଖାଇବା ଆବଶ୍ୟକ ।

ଇତିମଧ୍ୟରେ ୨୦୨୦ ଡିସେମ୍ବର ୨ରେ ଜାତିସଂଘ ବିପଜ୍ଜନକ ଡ୍ରଗ୍ସ ତାଲିକାରୁ ଗଞ୍ଜେଇକୁ ବାଦ୍ ଦେବା ସହ ଔଷଧ ଭାବେ ଏହାକୁ ବ୍ୟବହାର କରିବା ପାଇଁ ପୁନଃ ବର୍ଗୀକରଣ ଉଦ୍ଦେଶ୍ୟରେ କରାଯାଇଥିବା ସୁପାରିସକୁ ଅନୁମୋଦନ କରିଛି । ଏହା ବିଶ୍ୱରେ ଗଞ୍ଜେଇର ବୈଧୀକରଣ ଓ ଡାକ୍ତରୀ ଗବେଷଣା କ୍ଷେତ୍ରରେ ସହାୟକ ହେବ ବୋଲି ଆଶା କରାଯାଇପାରେ । ଅବଶ୍ୟ ବିଶ୍ୱର ୪୦ଟି ଦେଶ ଗଞ୍ଜେଇକୁ ଔଷଧ ଭାବେ ବ୍ୟବହାର କରିବା ପାଇଁ ସ୍ୱୀକୃତି ଦେଇ ସାରିଛନ୍ତି । ବିଭିନ୍ନ ପରିସଂଖ୍ୟାନରୁ ଜଣାଯାଏ, ଚାଇନା ହେଉଛି ସାରାଦୁନିଆରେ ସର୍ବାଧିକ ଗଞ୍ଜେଇ ଉତ୍ପାଦନକାରୀ ଦେଶ । ସାରାଦୁନିଆର ୮୦ପ୍ରତିଶତ ଗଞ୍ଜେଇ ଏକା ଚାଇନା ହିଁ ଉତ୍ପାଦନ କରିଥାଏ । ଚାଇନାରେ ସୂତାଠାରୁ ଆରମ୍ଭ କରି କପଡ଼ା ତିଆରି ପର୍ଯ୍ୟନ୍ତ ଏହାକୁ ବ୍ୟବହାର କରାଯାଉଛି । ଆମ ଦେଶର ଭୌଗୋଳିକ ସ୍ଥିତିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏ କ୍ଷେତ୍ରରେ ଆମେ ବୈଷୟିକ ନେତୃତ୍ୱ ନେବାକୁ ସମ୍ପୂର୍ଣ୍ଣ ରୂପେ ସମର୍ଥ । ଏ କ୍ଷେତ୍ରରେ ଆମ ଦେଶ ନିହାତି ଭାବେ ବିଶ୍ୱଗୁରୁ ହୋଇପାରିବ । ଯଦି ଆମ ରାଜ୍ୟ ଓଡ଼ିଶା କଥାକୁ ଚିନ୍ତା କରିବା ତେବେ ଓଡ଼ିଶା ବି ଏହି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟର ଭୂମିକା ତୁଲାଇ ପାରିବ । କେବଳ ଏଥିପାଇଁ ସୁହାଇଲା ଭଳି ଉପଯୁକ୍ତ ଆଇନଟିଏ ଦରକାର । ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ବଳରେ ଏହି ଲକ୍ଷ୍ୟ ପୂରଣ ହୋଇପାରିବ । ଏପରି ହେଲେ ପ୍ରଥମତଃ ଗଞ୍ଜେଇ ଚାଷ ଦ୍ୱାରା ଚାଷୀମାନେ ଲାଭବାନ ହୋଇପାରିବେ । ୨ୟରେ ଏଥି ସମ୍ପର୍କିତ ଉଦ୍ୟୋଗ ଗଢ଼ି ଉଠିବା ଦ୍ୱାରା ଦେଶର ଅର୍ଥନୀତି ବି ସୁଦୃଢ଼ ହେବ । ୩ୟରେ ଏହା ଦେଶର ବେକାରି ସମସ୍ୟାକୁ ମଧ୍ୟ ଅନେକାଂଶରେ ଦୂର କରିପାରିବ । ଶେଷରେ ଔଷଧ ପ୍ରସ୍ତୁତ ଦ୍ୱାରା ଅନେକଙ୍କ ଜୀବନ ରକ୍ଷା ହୋଇପାରିବ ।

ବୈପାରୀଗୁଡ଼ା, କୋରାପୁଟ
ମୋ:୬୩୭୦୬୭୯୪୦୫
imohanty.1991@gmail.com

# କାର୍ବନ ଉତ୍ସର୍ଜନ ଚିନ୍ତା



ଇଂ. ମାୟାଧର ସ୍ୱାଇଁ

ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣ ବର୍ଷକୁ ବର୍ଷ ବଢ଼ିଚାଲିଛି । ଏହାର ପରିମାଣ ୧୭୫୦ ମସିହାରେ ଶିଳ୍ପ ସଭ୍ୟତା ଆରମ୍ଭ ବେଳକୁ ବାୟୁମଣ୍ଡଳରେ ଏହାର ପରିମାଣ ୨୮୦ ନିୟୁତାଂଶ (ପିପିଏମ୍) ଥିବାବେଳେ ବର୍ତ୍ତମାନ ଏହା ୪୧୦ ନିୟୁତାଂଶରେ ପହଞ୍ଚିଲାଣି । ଅଙ୍ଗାରକାମ୍ଳ ହେଉଛି ଗୋଟିଏ ସବୁଜଗୃହ ଗ୍ୟାସ । ମିଥେନ୍, ନାଇଟ୍ରସ୍ ଅକ୍‌ସାଇଡ୍, କ୍ଲୋରୋଫ୍ଲୋରୋକାର୍ବନ ଆଦି ହେଉଛି ଅନ୍ୟ ସବୁଜଗୃହ ଗ୍ୟାସ । ମାତ୍ର କଳକାରଖାନା ଏବଂ ବିଶେଷଭାବେ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡିକରୁ ବାୟୁମଣ୍ଡଳକୁ ଅଧିକ ପରିମାଣର ଅଙ୍ଗାରକାମ୍ଳ ନିର୍ଗତ ହେଉଥିବାରୁ ଏହାର ପ୍ରଭାବ ହେଉଛି ଅଧିକ । ଏହି ଗ୍ୟାସଗୁଡ଼ିକ ଯୋଗୁ ପୃଥିବୀର ଉଷ୍ଣତା ବୃଦ୍ଧି ପାଉଛି, ଯାହାଫଳରେ ମେରୁ ଅଞ୍ଚଳର ବରଫ ଓ ହିମସ୍ରୋତଗୁଡ଼ିକ ତରଳିବାକୁ ଲାଗିଲାଣି । ଏଥିପାଇଁ ସମୁଦ୍ର ପତ୍ତନ ବୃଦ୍ଧି ପାଉଛି । ବର୍ତ୍ତମାନ ସମୁଦ୍ର ପତ୍ତନ ବର୍ଷକୁ ହାରାହାରି ୩.୨ ମିଲି ଲିଟର ବଢୁଛି ଏବଂ ପୂର୍ବାନୁମାନ କରାଯାଉଛି ଯେ, ଏହା ଚଳିତ ଶତାବ୍ଦୀର ଶେଷସୁଦ୍ଧା ୦.୨ରୁ ୨ ମିଟର ମଧ୍ୟରେ ବୃଦ୍ଧି ପାଇପାରେ । ପୃଥିବୀର ଉଷ୍ଣତା ବୃଦ୍ଧି ଯୋଗୁ ଜଳବାୟୁରେ ପରିବର୍ତ୍ତନ ହେଉଛି ଏବଂ ପୃଥିବୀରେ ଅଧିକ ସଂଖ୍ୟକ ଝଡ଼ ତୋଫାନ, ଟର୍ନାଡୋ ଆଦି ଦେଖାଦେଉଛି । ନିକଟରେ ରେଡ୍‌କ୍ରସ୍ ପ୍ରକାଶ କରିଥିବା ଏକ ରିପୋର୍ଟରେ ଦର୍ଶାଇଛି ଯେ, ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା ଏହି ବର୍ଷ ମାର୍ଚ୍ଚ ମାସରେ କରୋନା ସଂକ୍ରମଣକୁ ମହାମାରୀ ଘୋଷଣା କରିବା ପରେ ପୃଥିବୀରେ ପ୍ରାୟ ୧୦୦ଟି ବିପର୍ଯ୍ୟୟ ଘଟିଛି ଏବଂ ଏଥିରୁ ଅଧିକାଂଶ ହେଉଛି ଜଳବାୟୁ ସମ୍ପର୍କିତ । ଏହି ବିପର୍ଯ୍ୟୟ ଯୋଗୁ ୫ କୋଟିରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ପରିତାପର ବିଷୟ ଯେ ଏହା ସତ୍ତ୍ୱେ କାର୍ବନ ଉତ୍ସର୍ଜନ ହ୍ରାସ ପାଇଁ ପାଞ୍ଚ ବର୍ଷ ପୂର୍ବେ ପୃଥିବୀବାସୀ ଯେପରି ଚିନ୍ତା ପ୍ରକଟ କରିଥିଲେ, ଏବେ ସେଥିରେ ଶିଥିଳତା ଦେଖାଦେଇଛି ।

୨୦୧୫ ଡିସେମ୍ବରରେ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ଠାରେ ବିଶ୍ୱ ନେତୃବୃନ୍ଦ ଏକତ୍ରିତ ହୋଇ ବାୟୁମଣ୍ଡଳକୁ କାର୍ବନ ଉତ୍ସର୍ଜନର ନିୟନ୍ତ୍ରଣ ପାଇଁ ଏକ ସମୁଚିତ ପଦକ୍ଷେପ ନେଇଥିଲେ । ଏହା 'ପ୍ୟାରିସ୍ ଜଳବାୟୁ ରାଜିନାମା' ନାମରେ ଜଣା । କାର୍ବନ୍ ଉତ୍ସର୍ଜନକୁ ହ୍ରାସ କରି ୨୧୦୦ ମସିହା ସୁଦ୍ଧା ପୃଥିବୀରେ ତାପମାତ୍ରା ବୃଦ୍ଧିକୁ ପ୍ରାକ୍ ଔଦ୍ୟୋଗିକ ସ୍ତରଠାରୁ ଦୁଇ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରଖିବା ପାଇଁ ଏଠାରେ ସ୍ଥିର କରାଯାଇଥିଲା । ପୁନଶ୍ଚ ଏହି ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖିବା ନିମିତ୍ତ ସମସ୍ତ ଦେଶ ଚେଷ୍ଟା କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ଏଠାରେ ପ୍ରତ୍ୟେକ ଦେଶ ସ୍ୱେଚ୍ଛାକୃତ ଭାବେ ନିଜ ନିଜ ଦେଶରେ ବାୟୁମଣ୍ଡଳକୁ କାର୍ବନ ଉତ୍ସର୍ଜନ ହ୍ରାସ କରିବା ପାଇଁ ଲକ୍ଷ୍ୟ ସ୍ଥିର କରିଥିଲେ । ଏଥିରେ ଯୁକ୍ତରାଷ୍ଟ୍ର ଆମେରିକା, ଚାଇନା, ଭାରତ ଭଳି ଅଧିକ କାର୍ବନ ଉତ୍ସର୍ଜନ କରୁଥିବା ଦେଶ ସମେତ ମୋଟ ୧୯୬ଟି ଦେଶ ସ୍ୱାକ୍ଷର କରିଥିଲେ । ଜଣାପଡୁଥିଲା ଦେଶଗୁଡିକ ସାମୂହିକ ଭାବେ ଏହି ବିପତ୍ତିରୁ ରକ୍ଷା ପାଇବା ପାଇଁ କାର୍ଯ୍ୟ କରିବେ । କିନ୍ତୁ ୨୦୧୭ ମସିହାରେ ଡୋନାଲ୍ଡ ଟ୍ରମ୍ପ୍ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଭାବେ ଗାଦିନସୀନ ହେବା ପରେ ଏଥିପ୍ରତି ଏକ ଶକ୍ତ ଝଟ୍‌କା ଆସିଲା । ଆମେରିକା ପ୍ୟାରିସ୍ ଜଳବାୟୁ ରାଜିନାମାରୁ ଓହରି ଗଲା । ରାଷ୍ଟ୍ରପତି ଟ୍ରମ୍ପ୍ ଜଳବାୟୁ ବିପର୍ଯ୍ୟୟକୁ ଏକ ପ୍ରତାରଣା କହିଲେ ଏବଂ ତାଙ୍କ ପୂର୍ବବର୍ତ୍ତୀ ରାଷ୍ଟ୍ରପତି ବାରାକ୍ ଓବାମା ତୈଳ ଓ ଗ୍ୟାସ ବ୍ୟବହାର କ୍ଷେତ୍ରରେ ଯେଉଁ କଟକଣା ଲଗାଇଥିଲେ, ତାହାକୁ କୋହଳ କରିଦେଲେ । ସୂଚନାଯୋଗ୍ୟ ଯେ, ଚାଇନା ପରେ ଯୁକ୍ତରାଷ୍ଟ୍ର ଆମେରିକା ହେଉଛି ସବୁଠାରୁ ଅଧିକ କାର୍ବନ ଉତ୍ସର୍ଜନକାରୀ ଦେଶ ।

ଏଣୁ ପ୍ୟାରିସ୍ ରାଜିନାମାରୁ ଏହା ଓହରି ଯିବା ନିଶ୍ଚିତ ଭାବେ ରାଜିନାମା ପ୍ରତି ହେଉଛି ଏକ ଶକ୍ତ ଧକ୍କା । ଅବଶ୍ୟ ଚାଇନା ଓ ଭାରତ ଭଳି ବୃହତ୍ ଜନବହୁଳ ଓ ଅଧିକ କାର୍ବନ ଉର୍ସଜନକାରୀ ଦେଶ ପ୍ୟାରିସ୍ ରାଜିନାମାକୁ ଗୁରୁତ୍ୱର ସହ ନେଉଥିବାରୁ ଏହା କିଛି ଆଶା ଉଜ୍ଜୀବିତ କରି ରଖିଛି ।

ଏହି ବର୍ଷ ଜୋ ବାଇଡେନ୍ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତିଭାବେ ନିର୍ବାଚିତ ହେବା ପରେ ଘୋଷଣା କରିଛନ୍ତି ଯେ, ସେ କ୍ଷମତାକୁ ଆସିବାର ପ୍ରଥମ ଦିନରେ ହିଁ ପ୍ୟାରିସ୍ ଜଳବାୟୁ ରାଜିନାମାକୁ ସ୍ୱୀକୃତି ଦେବେ । କିନ୍ତୁ ବିଶେଷଜ୍ଞମାନଙ୍କର ମତ ଯେ ଯୁକ୍ତରାଷ୍ଟ୍ର ଆମେରିକା ଗତ ଚାରିବର୍ଷ ମଧ୍ୟରେ କାର୍ବନ ଉତ୍ସର୍ଜନ ନିୟନ୍ତ୍ରଣ ପାଇଁ କୌଣସି ପଦକ୍ଷେପ ନେଇ ନ ଥିବାରୁ ଅନେକ କ୍ଷତି ହୋଇଯାଇଛି । କେବଳ ସେତିକି ନୁହେଁ, ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ୨୦୧୭ ମସିହାରୁ 'ସବୁଜ ଜଳବାୟୁ କୋଷ'କୁ ପ୍ରତିଶ୍ରୁତି ଦେଇଥିବା ଅନୁଦାନ ବନ୍ଦ କରି ଦେଇଛି । ଏହି ଅର୍ଥରାଶି ଗରିବ ଦେଶଗୁଡିକ ଅକ୍ଷୟ ଶକ୍ତି ବିକାଶ କରିବା ପାଇଁ ଉଦ୍ଦିଷ୍ଟ ଅଛି । ଗତବର୍ଷ ଅଷ୍ଟ୍ରେଲିଆ ମଧ୍ୟ ଆମେରିକାକୁ ଅନୁସରଣ କରି ଏହି କୋଷକୁ ଅନୁଦାନ ଦେବା ବନ୍ଦ କରି ଦେଇଛି । ଫଳରେ ବିଶ୍ୱରେ କାର୍ବନ ଉତ୍ସର୍ଜନକୁ ନିୟନ୍ତ୍ରଣ କରିବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ଇତିମଧ୍ୟରେ ବିଶ୍ୱ ଶକ୍ତି ସଂସ୍ଥା ଲକ୍ଷ୍ୟ କରିଛି ଯେ, କୋଭିଡ୍ ମହାମାରୀ ଯୋଗୁ ସୌର ଶକ୍ତି ବିକାଶରେ ବିଳମ୍ବ ହୋଇଛି ।

ନିକଟରେ ବିଖ୍ୟାତ ବିଜ୍ଞାନ ପତ୍ରିକା 'ନେଚର'ରେ ପ୍ରକାଶିତ ଏଇ ଅଧ୍ୟୟନରୁ ଜଣାଯାଇଛି ଯେ, ବଡ ବଡ ଔଦ୍ୟୋଗିକ ଦେଶଗୁଡିକ ମଧ୍ୟରୁ କେହି ସେମାନଙ୍କର ଘୋଷିତ କାର୍ବନ ଉତ୍ସର୍ଜନ ହ୍ରାସ ଲକ୍ଷ୍ୟ ହାସଲ କରିପାରିନାହାନ୍ତି ଏବଂ କେତେକ ଦେଶ ମଧ୍ୟ ନିଜ ନୀତିକୁ କାର୍ଯ୍ୟକାରୀ କରିବାରେ ଶିଥିଳ ହୋଇଯାଇଛନ୍ତି । ଏଥିରେ ଆହୁରି ମଧ୍ୟ ପ୍ରକାଶ ପାଇଛି ଯେ, ୨୧୦୦ ମସିହା ସୁଦ୍ଧା ଜାଗତିକ ଉଷ୍ଣତା ବୃଦ୍ଧିକୁ ଦୁଇ ଡିଗ୍ରୀ ସେଲସିୟସ ତଳେ ରଖିବା ସମ୍ଭବ ହୋଇ ନ ପାରେ ।

ଏହି ସବୁ ଚିନ୍ତାଜନକ ସ୍ଥିତି ମଧ୍ୟରେ ଗୋଟିଏ ଶୁଭ ଖବର ହେଉଛି ଯେ, ୟୁରୋପୀୟ ସଂଘ ୨୦୫୦ ମସିହା ସୁଦ୍ଧା କାର୍ବନ ସନ୍ତୁଳନ ପାଇଁ ଏହାର ସମସ୍ତ ଦେଶକୁ ନିର୍ଦ୍ଦେଶ ଦେଇଛି ଏବଂ ଏଥିପାଇଁ ମଧ୍ୟ ଗୋଟିଏ କାର୍ଯ୍ୟକାରିଣୀ ପ୍ରସ୍ତୁତ କରିଛି । କାର୍ବନ ସନ୍ତୁଳନର ଅର୍ଥ ହେଉଛି ଆମେ ବାୟୁମଣ୍ଡଳକୁ ସେତିକି ଅଙ୍ଗାରକାମ୍ଳ ନିର୍ଗତ କରିବା, ଯେତିକି ପ୍ରାକୃତିକ ଉପାୟରେ ବାୟୁମଣ୍ଡଳରୁ ଅବଶୋଷଣ ହୋଇପାରିବ । ଚାଇନା ମଧ୍ୟ ୨୦୬୦ ମସିହା ସୁଦ୍ଧା କାର୍ବନ ସନ୍ତୁଳନ ହାସଲ କରିବା ପାଇଁ ଘୋଷଣା କରିଛି । ପ୍ରତ୍ୟେକ ଦେଶ ଏହିପରି ଯୋଜନା କଲେ ବିଶ୍ୱ ଏକ ବଡ ସଙ୍କଟରୁ ରକ୍ଷା ପାଇ ଯାଆନ୍ତା ।

୭୦, ଲକ୍ଷ୍ମୀ ବିହାର, ଫେଜ-୧, ଭୁବନେଶ୍ୱର,
ମୋ: ୯୪୩୮୬୯୩୭୨୪

## ଏଇ ଭାରତରେ

ଶିକ୍ଷାଦାନ ମହାପୁଣ୍ୟ,ଏକଥା ହୃଦୟଙ୍ଗମ କରିଛନ୍ତି ବେଙ୍ଗାଲୁରୁର ଏକ ଦମ୍ପତି । ବୟସର ଅପରାହ୍ନରେ ବଦ୍ରିନାଥ ଭିଉଲ ଓ ଇନ୍ଦିରା ଭିଉଲ ମାଗଣାରେ ଅସହାୟ ପିଲାମାନଙ୍କୁ ପଢ଼ାଉଛନ୍ତି । ବଦ୍ରିନାଥଙ୍କ ବୟସ ୮୨ ହୋଇଥିବାବେଳେ ଇନ୍ଦିରାଙ୍କ ବୟସ ୭୭ । ସେମାନେ ୧୦୦ରୁ ଉର୍ଦ୍ଧ୍ୱ ଅସହାୟ ଶିଶୁଙ୍କୁ ପଢାଉଛନ୍ତି । ବଦ୍ରିନାଥ ଜଣେ ଅବସରପ୍ରାପ୍ତ ସିଭିଲ ଇଞ୍ଜିନିୟର । ସେ ବମ୍ବେ ଆଇଆଇଟିରେ ପଢୁଥିଲେ । ତାଙ୍କ ଘରେ ଜଣେ ମହିଳା କାମ କରୁଥିଲେ । ସେ ତାଙ୍କ ଝିଅକୁ ପଢ଼ାଇବା ଲାଗି ଆର୍ଥିକ ସହଯୋଗ ଚାହିଁବା ପରେ ଏହି ଦମ୍ପତି ତାଙ୍କୁ ସାହାଯ୍ୟ କରିଥିଲେ । ବଦ୍ରିନାଥଙ୍କ ସ୍ତ୍ରୀ ଇନ୍ଦିରା ମଧ୍ୟ ଝିଅଟିକୁ ମାଗଣାରେ ପଢ଼ାଇବା ଆରମ୍ଭ କରିଥିଲେ ଓ ପରେ ତା' ସାନ ଭଉଣୀ ଏଥିରେ ଯୋଗଦେଲା । ସେଇଠୁ ଆରମ୍ଭ ହୋଇଥିଲା ଏମାନଙ୍କ ଅଭିଯାନ । ୨୦୧୪ରେ ସେ ତାଙ୍କ ଘର ନିକଟରେ ରହୁଥିବା ଅଭାବୀ ପରିବାରର ୮ ଜଣ ପିଲା ଏହି ଟ୍ୟୁଶନରେ ଯୋଗଦେଇଥିଲେ । ଏମିତିରେ ୨ରୁ ପିଲା ସଂଖ୍ୟା ୮ରେ ପହଞ୍ଚିଥିଲା । କିନ୍ତୁ ଲକ୍‌ଡାଉନ ଯୋଗୁ ଏମାନେ ଘରକୁ ନ ଆସିବାରୁ ସେମାନଙ୍କୁ ଭିଉଲ ଦମ୍ପତି ଅନ୍‌ଲାଇନରେ ପଢ଼ାଇବା ଆରମ୍ଭ କଲେ । ଅଧିକାଂଶ ପରିବାରରେ ସ୍ମାର୍ଟ ଫୋନ ଥିବାରୁ ଏହା ସମ୍ଭବ ହୋଇପାରିଲା । ଏଭଳି ନ୍ୟୁଜ୍ ପ୍ରକାଶ ପାଇବା ପରେ କର୍ଣାଟକର ବିଭିନ୍ନ ସ୍ଥାନରୁ ଲୋକେ ସେମାନଙ୍କ ପିଲାଙ୍କୁ ପଢାଇବା ଲାଗି ଏହି ଦମ୍ପତିଙ୍କୁ ଅନୁରୋଧ କଲେ । ଧୀରେ ଧୀରେ ୮ରୁ ପିଲାଙ୍କ ସଂଖ୍ୟା ପହଞ୍ଚିଗଲା ୧୦୦ ଉପରେ । ପରେ ପଢାଇବା ପାଇଁ ଏହି ଦମ୍ପତିଙ୍କ ସହ ୧୦ରୁ ଅଧିକ ଅବସରପ୍ରାପ୍ତ ଶିକ୍ଷକ ଓ ଅନ୍ୟ ଅଧିକାରୀମାନେ ଯୋଗଦେଇଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଡିସେମ୍ବର ୧୯୯୫

- ଦକ୍ଷିଣ ଆଫ୍ରିକାର କ୍ୱାଜୁଲ-ନାଟାଲ ପ୍ରଦେଶରେ ଘଟିଥିବା ରାଜନୈତିକ ଏବଂ ଅପରାଧମୂଳକ ହିଂସାକାଣ୍ଡରେ ୨୦ ନିହତ ।
- ଓଡ଼ିଶା ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ରାଜକିଶୋର ଦାସଙ୍କ ୯୧ ବର୍ଷ ବୟସରେ ପରଲୋକ ।

## ଚିରନ୍ତନୀ

ଫଟାଇ ସେ ଧରଣୀର ବୁକୁ
ଡାକି ଉଠେ ପୁଣି ତୁଆ ତୁଆ
ପଞ୍ଚମୀ ଜୋଛନାକୁ ଠେଲି
ସେ ବାଣୀ ଗଗନେ ଯାଏ ମେଲି
କ୍ରନ୍ଦନ କୁଆଁ କୁଆଁ କୁଆଁ
ଡାକି ଉଠେ ପୁଣି ତୁଆ ତୁଆ । -(ପୌଷ-ମଳୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅସାଧୁ ବ୍ୟବସାୟୀଙ୍କୁ ଦଣ୍ଡ ଦିଆଯାଉ

ମହାଶୟ,

ବର୍ତ୍ତମାନ ଆମ ରାଜ୍ୟର ସ୍ୱେଚ୍ଛାଚାରୀ ଅସାଧୁ ବ୍ୟବସାୟୀମାନେ ସରଳ-ନିରୀହ ଖାଉଟିମାନଙ୍କୁ ଦ୍ରବ୍ୟ ଓ ସେବା କର ବଢିଯାଇଛି ବୋଲି କହି ବିଭିନ୍ନ ପ୍ରକାରର ଅତ୍ୟାବଶ୍ୟକ ଦ୍ରବ୍ୟଗୁଡିକୁ ଅତ୍ୟଧିକ ଦାମ୍‌ରେ ବିକ୍ରି କରୁଛନ୍ତି । ଏହା ଫଳରେ ଖାଉଟିମାନେ ଶୋଷିତ ହେଉଛନ୍ତି । ରାଜ୍ୟର ସବୁ ଜିଲାରେ ଥିବା ଅଣପଞ୍ଜୀକୃତ ବ୍ୟବସାୟୀମାନେ ମନଇଚ୍ଛା ବିଭିନ୍ନ ସାମଗ୍ରୀ ବିକ୍ରିକରି ମାଲାମାଲ ହେଉଥିବା ବେଳେ ସବୁ ବର୍ଗର ଖାଉଟିମାନଙ୍କର ଅବସ୍ଥା ଦିନକୁ ଦିନ ବେହାଲ ହେବାରେ ଲାଗିଛି । ଲୁଗାପଟା ବ୍ୟବସାୟୀମାନେ ଲକ୍ଷ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଅର୍ଥ ଆତ୍ମସାତ୍ କରୁଛନ୍ତି । ଦୁଃଖର କଥା ପ୍ରତ୍ୟେକ ଜିଲାରେ ଥିବା ବାଣିଜ୍ୟ କର ଅଧିକାରୀମାନେ ୧୦/୨୦ ଲକ୍ଷ ଟଙ୍କାର କାରବାର କରିଥିବା ଏପରି ଅସାଧୁ ବ୍ୟବସାୟୀଙ୍କଠାରୁ ଜିଏସ୍‌ଟି ଆଦାୟ କଲେନାହିଁ । ଏହି ଅଧିକାରୀମାନେ ଚୁପ୍ ହୋଇଗଲେ କାହିଁକି ? କେବଳ ଲୁଗା ଦୋକାନୀ ନୁହନ୍ତି ; ତେଜରାତି ଦୋକାନୀଙ୍କ ପରି ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିବା ଅନ୍ୟ ଦୋକାନୀମାନେ ମଧ୍ୟ ଖାଉଟିମାନଙ୍କୁ ଶୋଷଣ କରିବା ସହିତ ଜିଏସ୍‌ଟି ଫାଙ୍କିଚାଲିଛନ୍ତି । ଅନେକ ବ୍ୟବସାୟୀ ରସିଦ୍ ମାଗୁଥିବା ଗ୍ରାହକମାନଙ୍କୁ ମଧ୍ୟ ଦୁର୍ବ୍ୟବହାର କରୁଛନ୍ତି । ଭିଜିଲାନ୍ସ ବିଭାଗ ଅଧିକାରୀମାନେ ଏଭଳି ବ୍ୟବସାୟୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ରାଜ୍ୟର ବାଣିଜ୍ୟ କର ଅଧିକାରୀ ଏବଂ ଭିଜିଲାନ୍ସ ବିଭାଗ ଅଧିକାରୀମାନଙ୍କୁ ଏଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଉ ।

-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ତିହିଡି, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | A | | | | | | 6 | | | | 3 | 2 | 5 |
| 1 | C | | | | | D | | 3 | 8 | | 6 | | | E |
| | | 7 | 6 | | 4 | | | | | E | | | D | 8 |
| 9 | 6 | | 2 | | | 7 | | | | | | | | C |
| | 3 | | | | C | | | | D | | | | 9 | |
| | 8 | | | | 5 | | | | 0 | | | | A | 4 |
| | A | | | | 1 | | C | 4 | | | D | 8 | | 9 |
| 0 | | | | 3 | | | | D | A | | | | 7 | |
| B | | 9 | | | 6 | | | | 2 | | 1 | | | |
| | | E | | 7 | | 2 | | | B | 6 | 8 | 5 | | |
| | | | | | | 9 | 6 | | 7 | | | | | 0 |
| 7 | | | | | A | 3 | | 8 | 4 | D | 9 | | | |
| | B | | | | E | | 5 | | | | 0 | C | 3 | |
| | | | 5 | 2 | | | | | | | | | 1 | 7 |
| 2 | D | | | | | | E | | | | | | B | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 7 | 9 | A | 1 | 4 | E | 6 | 5 | 3 | 2 | D | C | 0 | 8 |
| 5 | A | 3 | 2 | 8 | B | D | C | 4 | 6 | 0 | 1 | 9 | 7 | E |
| 2 | D | 4 | 5 | E | 0 | 3 | 7 | 1 | 8 | C | 9 | 6 | A | B |
| C | E | 6 | 3 | D | 7 | 9 | 0 | 8 | B | 5 | A | 1 | 4 | 2 |
| 8 | 0 | 1 | 6 | 9 | C | A | 2 | B | 4 | 7 | E | 5 | D | 3 |
| 7 | 2 | D | 1 | B | 6 | C | 9 | A | 0 | E | 8 | 3 | 5 | 4 |
| E | B | 0 | 7 | 4 | 9 | 8 | 5 | 3 | 1 | D | 6 | 2 | C | A |
| 4 | 8 | 5 | 0 | C | A | 7 | 1 | E | 2 | 9 | 3 | D | B | 6 |
| 6 | 1 | A | E | 3 | 5 | 2 | B | D | C | 4 | 7 | 0 | 8 | 9 |
| 9 | 3 | C | D | 2 | 8 | 6 | 4 | 0 | A | B | 5 | 7 | E | 1 |
| 3 | 9 | 7 | 4 | 0 | E | B | A | 2 | 5 | 1 | C | 8 | 6 | D |
| D | 6 | 2 | B | 5 | 1 | 4 | 8 | C | E | 3 | 0 | A | 9 | 7 |
| 0 | 5 | 8 | 9 | A | 3 | 1 | E | 7 | D | 6 | B | 4 | 2 | C |
| 1 | C | E | 8 | 7 | 2 | 5 | D | 6 | 9 | A | 4 | B | 3 | 0 |
| A | 4 | B | C | 6 | D | 0 | 3 | 9 | 7 | 8 | 2 | E | 1 | 5 |

ଗତକାଲିର ଉତ୍ତର

## ୪ ବଖରା ଜଳିଗଲା

ଓଡ଼ଗାଁ,(ସ୍ୱ.ପ୍ର.): ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ଓ ଗିରିଡିପଲ୍ଲୀ ପଞ୍ଚାୟତ ଅଧୀନ ଝାଡସାହିରେ ଗୁରୁବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୪ ପରିବାରର ୪ ବଖରା ପୋଡି ପାଉଁଶ ହୋଇଯାଇଛି। ସ୍ଥାନୀୟ ଅଗ୍ନିଶମ ବାହିନୀ ସୂଚନା ଅନୁସାରେ ସେହି ଗ୍ରାମର ଯୁଧିଷ୍ଠିର ନାୟକ, ଭିକାରି ନାୟକ, ଇନ୍ଦ୍ରମଣି ନାୟକ ଓ ବାବୁଲା ନାୟକଙ୍କ ଗୋଟିଏ ଲେଖା ଚାଳଛପର ଘର ପୋଡ଼ି ଯାଇଥିବା ବେଳେ ବହୁ ଆସବାବପତ୍ର ପାଉଁଶ ହୋଇଯାଇଛି। ଯୁଧିଷ୍ଠିରଙ୍କ ରୋଷେଇ ଘର ଚୁଲି ନିଆଁରୁ ଏପରି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଛନ୍ତି।

# ମିଳୁଥିବା ସାର୍ଟିଫିକେଟ କାମରେ ଲାଗୁନି

**କେନ୍ଦ୍ରାପଡ଼ା ଅଫିସ, ୧୭।୧୨**

ବୈଷୟିକ ଶିକ୍ଷା ପ୍ରତି ଯୁବତୀ ଯୁବକଙ୍କ ମଧ୍ୟରେ ଏବେ ଆକର୍ଷଣ ବଢୁଛି। କମ୍ପ୍ୟୁଟର ବିନା କାର୍ଯ୍ୟ କରିବା ଅସମ୍ଭବ ହେଉଛି। ଯୁବପିଢ଼ିଙ୍କ ପାଇଁ ଏହି ଶିକ୍ଷାର ଆବଶ୍ୟକତା ରହିଛି। ଏହାର ସୁଯୋଗ କେତେକ ଜାଲ ସଂସ୍ଥା ନେଉଛନ୍ତି। ଏହି ସଂସ୍ଥା ବିଭିନ୍ନ ସ୍ଥାନରେ ତାଲିମ କେନ୍ଦ୍ର ଖୋଲି ଜାଲ ସାର୍ଟିଫିକେଟ ବାଣ୍ଟୁଛନ୍ତି। ଫଳରେ ଛାତ୍ରୀଛାତ୍ରମାନେ ଠକାମିର ଶିକାର ହେଉଛନ୍ତି। ଚାକିରି ପାଇଁ ଏହି ସାର୍ଟିଫିକେଟକୁ ଦେଖାଇଲେ ତାହା ଜାଲ ବୋଲି କୁହାଯାଉଛି।

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ସାନମଙ୍ଗର ବୈଲୋଚନ ଦାସ ୮ ଦିନ ପୂର୍ବେ ଏପରି ଏକ ଘଟଣାର ଶିକାର ହୋଇଛନ୍ତି। ଜିଲାରେ ଥିବା ବେଆଇନ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ତନଖି କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଜିଲାପାଳଙ୍କୁ ଗୁରୁବାର ଦାବିପତ୍ର ଦେଇଛନ୍ତି। ସେ କହିଛନ୍ତି, ଭୁବନେଶ୍ୱରର ଏକ ତାଲିମ କେନ୍ଦ୍ରରୁ ପିଜିଡିସିଏ କୋର୍ସ କରିଛନ୍ତି। ପାସ କରିଥିବା ସାର୍ଟିଫିକେଟ ସମ୍ପୃକ୍ତ ସଂସ୍ଥା ପରୀକ୍ଷା ପରେ ଦେଇଛନ୍ତି। ତେବେ ୧୦ ଦିନ ତଳେ ହାଇଦ୍ରାବାଦକୁ କର୍ମନିଯୁକ୍ତି ପାଇଁ ଯାଇଥିବା ବେଳେ ପିଜିଡିସିଏ ପ୍ରମାଣପତ୍ର ଦେଖାଇଥିଲି। ସେଠାରେ ଏହାର ବୈଧତା ନେଇ ପ୍ରଶ୍ନ ଉଠାଯିବା ସହ ପଦବୀ ପାଇଁ ଅଯୋଗ୍ୟ ଘୋଷିତ କରାଯାଇଛି। ସୂଚନା ଅଧିକାର କର୍ମୀ ଅଶେଷ କୁମାର ଖଟୁଆ କୁହନ୍ତି, ୨୦୧୭ରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗକୁ ଏ ନେଇ ଏକ ପ୍ରଶ୍ନ କରାଯାଇଥିଲା। ଏଥିରେ ରାଜ୍ୟରେ ପିଜିଡିସିଏ ପରିଚାଳନା ପାଇଁ ଅନୁମତି ପାଇଥିବା ସଂସ୍ଥା ଅଥବା ଶିକ୍ଷାନୁଷ୍ଠାନର ନାମ ପ୍ରକାଶ ପାଇଁ ସୂଚନା ଅଧିକାର ଆଇନ ଅନୁଯାୟୀ ଆବେଦନ କରାଯାଇଥିଲା। ଏ ବର୍ଷ ଅଗଷ୍ଟ ୧ରେ ମିଳିଥିବା ତଥ୍ୟ (ପତ୍ରସଂଖ୍ୟା-୨୮୭୨୨)ରେ ରାଜ୍ୟର ମାତ୍ର ୧୩ଟି ଶିକ୍ଷା ଅନୁଷ୍ଠାନକୁ ମଞ୍ଜୁରୀ ମିଳିଛି। ଏହି ତଥ୍ୟକୁ ତର୍ଜମା କଲେ ରାଜ୍ୟ ସରକାରଙ୍କ ନଜର ଆଢୁଆଳରେ ୧୦ରୁ ଅଧିକ ଜାଲ ସଂସ୍ଥା ନିଜର ନେଟ୍‌ୱର୍କ ରାଜ୍ୟ ସାରା ବିଛାଇଛନ୍ତି। ଏ ସଂସ୍ଥାଗୁଡ଼ିକ କେନ୍ଦ୍ରାପଡ଼ା ଜିଲାରେ ୩୦ରୁ ଅଧିକ ସ୍ଥାନରେ ତାଲିମ କେନ୍ଦ୍ର ଖୋଲିଛନ୍ତି।

### ବେଆଇନ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରକୁ ଲଗାମ ନାହିଁ

ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର ବୈଷୟିକ କ୍ଷମତା ବୃଦ୍ଧିକୁ ପ୍ରାଧାନ୍ୟ ଦେଉଛନ୍ତି। ସ୍କିଲ ଇଣ୍ଡିଆ, ସ୍କିଲ ଓଡ଼ିଶାରେ ଯୁବବର୍ଗ ସାମିଲ ହୋଇ ଦେଶ ଓ ରାଜ୍ୟକୁ ଆଗେଇ ନେବାକୁ ସଚେତନତା ସୃଷ୍ଟି କରୁଛନ୍ତି। ଏ ନେଇ ସରକାରଙ୍କ ଅନୁଦାନ ବହୁଳ ଭାବେ ଖର୍ଚ୍ଚ ହେଉଛି। ତେବେ ତୃଣମୂଳସ୍ତରରେ ଯୋଜନାର କାର୍ଯ୍ୟକାରିତା ଓ ତନଖି ପାଇଁ ଅଦ୍ୟାବଧି ଉପଯୁକ୍ତ ଭିତ୍ତିଭୂମି ପ୍ରତିଷ୍ଠା କରାଯାଇନାହିଁ। ଏହାର ସୁଯୋଗ ନେଇ କେତେକ ଜାଲ ସଂସ୍ଥା ଓ ବ୍ୟକ୍ତି ବିଶେଷ ନାମକୁମାତ୍ର ଶିକ୍ଷାକେନ୍ଦ୍ର ଖୋଲି ସାର୍ଟିଫିକେଟ ବିକ୍ରି କରୁଛନ୍ତି। ସେହିପରି ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କୁହନ୍ତି, ଦେଶ ସ୍ୱାଧୀନତାର ଅବଧି ପୂର୍ବରୁ ଶିକ୍ଷାର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଏହା ଏକ ମୌଳିକ ସେବା ଓ ଅଧିକାର ହୋଇଛି। ତେବେ କେତେକ ଘରୋଇ ସଂସ୍ଥା ସେବା ବଦଳରେ ଅର୍ଥ ଉପାର୍ଜନ ପାଇଁ ଆକର୍ଷଣୀୟ ବିଜ୍ଞାପନ ମାଧ୍ୟମରେ ଶିକ୍ଷାର୍ଥୀଙ୍କୁ ଭ୍ରମିତ କରୁଥିବା ଦେଖାଯାଉଛି। ଏପରିକି କେତେକ ଘରୋଇ ଶିକ୍ଷାନୁଷ୍ଠାନ ବୈଧତା ନ ଥାଇ ପ୍ରମାଣପତ୍ର ଯୋଗାଉଥିବାରୁ ଯୁବବର୍ଗ ଠକାମିର ଶିକାର ହେଉଛନ୍ତି। ଜିଲାରେ ବେଆଇନ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ସମ୍ପର୍କରେ ଉପଜିଲାପାଳ ଜ୍ୟୋତି ଶଙ୍କର ମହାପାତ୍ର କହିଛନ୍ତି, ଅଭିଯୋଗକାରୀ ବୈଲୋଚନ ଭୁବନେଶ୍ୱରର ଏକ ତାଲିମକେନ୍ଦ୍ରର ପ୍ରମାଣପତ୍ର ପାଇଛନ୍ତି। କେନ୍ଦ୍ରାପଡ଼ା ଜିଲାରେ ଏହି ସଂସ୍ଥାର କୌଣସି ଶାଖା ନାହିଁ। ତେବେ ଏପରି ବେଆଇନ ଶିକ୍ଷାନୁଷ୍ଠାନର ତନଖି କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂକ୍ଷେପରେ

### କୋଭିଡ୍ ହସ୍ପିଟାଲ ଆଗରେ ଠିକା କର୍ମଚାରୀଙ୍କ ଧାରଣା

ପାରାଦୀପ,୧୭।୧୨(ସ୍ୱ.ପ୍ର.) ଜଗତସିଂହପୁର ଜିଲାର ପାରାଦୀପସ୍ଥିତ କୋଭିଡ୍ ହସ୍ପିଟାଲ ଆଗରେ ଗୁରୁବାର ସନ୍ଧ୍ୟାରେ ଠିକାକର୍ମଚାରୀମାନେ ଧାରଣା ଦେଇଛନ୍ତି। ହସ୍ପିଟାଲରେ କାର୍ଯ୍ୟରତ ସମୁଦାୟ ୪୩ ଠିକା କର୍ମଚାରୀଙ୍କ ମଧ୍ୟରୁ ୨୭ ଜଣଙ୍କୁ ବାହାରି ଯିବାପାଇଁ ଚିଠି ପହଞ୍ଚିବା ପରେ ସେମାନେ ଧାରଣାରେ ବସିଛନ୍ତି। ଏସମ୍ପର୍କରେ ଧାରଣା ଦେଇଥିବା ଠିକାକର୍ମଚାରୀ ସସ୍ମିତା ବାରିକ କୁହନ୍ତି, ହସ୍ପିଟାଲ ଆରମ୍ଭ ହେବା ଦିନରୁ ଆମେ କାମ କରୁଛୁ। କୋଭିଡ୍ ହସ୍ପିଟାଲ ଥିବା ପର୍ଯ୍ୟନ୍ତ କାମ ରହିବ ବୋଲି ଠିକା କର୍ମଚାରୀମାନଙ୍କୁ କୁହାଯାଇଥିଲା। ଶୁକ୍ରବାରଠାରୁ ୨୭ ଜଣଙ୍କୁ କାମ ନ କରିବା ପାଇଁ ମ୍ୟାନେଜର ନିର୍ଦ୍ଦେଶ ଦେଇଛନ୍ତି। ଏବେ ହସ୍ପିଟାଲ ଚାଲୁଥିବାବେଳେ ଆମକୁ କାର୍ଯ୍ୟରୁ ବାହାର କରିଦିଆଯାଇଥିବାରୁ ଧାରଣା ଦିଆଯାଇଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ବିଜୟା ପଣ୍ଡା କୁହନ୍ତି, ସମସ୍ତ ୪୩ ଜଣ ହେଲେ ସିକ୍ୟୁରିଟି ଓ ହାଉସକିପର। ସେମାନଙ୍କୁ ଭୁବନେଶ୍ୱରସ୍ଥିତ ଏକ ଠିକାସଂସ୍ଥା ପକ୍ଷରୁ ରଖାଯାଇଛି। ସରକାର ଏବେ କୋଭିଡ୍ ହସ୍ପିଟାଲ ବନ୍ଦ କରିବାକୁ ଯାଉଛନ୍ତି। ରୋଗୀ ସଂଖ୍ୟା କମିବା ପରେ କର୍ମଚାରୀ ହ୍ରାସ କରାଯାଉଛି। ସେଥିପାଇଁ ସମ୍ପୃକ୍ତ ଠିକାସଂସ୍ଥାକୁ କର୍ମଚାରୀ ହ୍ରାସ ପାଇଁ କୁହାଯାଇଛି।

### ଚାଷଜମିରୁ ଜଳ ନିଷ୍କାସନ ପାଇଁ ଜିଲାପାଳଙ୍କୁ ଦାବି

ଯାଜପୁର ଟାଉନ,୧୭।୧୨(ଡି.ଏନ.ଏ.): ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅଞ୍ଚଳର କେତେକ ଚାଷଜମି ପାଣି ଘେରରେ ରହୁଛି। ଫଳରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ ଉକ୍ତ ଚାଷ ଜମିରୁ ନିଷ୍କାସନ ପାଇଁ ଜିଲାପାଳଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ଅଧୀନ କଡ଼ାଇ, ଇନାୟତ୍ ନଗର ଓ ଗଣାସ ଗ୍ରାମର ଚାଷଜମିରୁ ପାଣି ନିଷ୍କାସନ ନ ହେବା ଫଳରେ ବ୍ୟାପକ ଫସଲ ନଷ୍ଟ ହେଉଛି। ଏକ କମ୍ପାନୀ ଅଞ୍ଚଳବାସୀଙ୍କୁ ଧମକ ଚମକଦେଇ ଜମି ହାତେଇ ନେଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳ ଦଳିତ ଲୋକଙ୍କୁ କମ୍ପାନୀରେ ଚାକିରି କରାଇବାର ପ୍ରଲୋଭିତ କରି ସେମାନଙ୍କ ଜମିକୁ କ୍ରୟ କରାଯାଉଛି। ପରବର୍ତ୍ତୀ ସମୟରେ ଘରବାରି, ଚାଷ ଜମିକୁ ମାଟି ଓ ପାଉଁଶ ପକାଇ ଉଚ୍ଚା କରିଦେବାରୁ ସେହି ମୌଜାର ଚାଷଜମିରୁ ପାଣି ନିଷ୍କାସନ ହୋଇପାରୁନାହିଁ ଏପରିକି କାଡ଼ା ନାଳ ଗୁଡ଼ିକୁ ମଧ ଉଚ୍ଚା କରିଦିଆଯାଇଛି। ଏହାକୁ ଗ୍ରାମବାସୀ ପ୍ରତିବାଦ କରିବାରୁ କମ୍ପାନୀ କର୍ମଚାରୀ ଗୁଣ୍ଡା ଲଗାଇ ଧମକ ଦେଉଛନ୍ତି ବୋଲି ଅଭିଯୋଗ ହେଉଛି। ଯଦି ଜଳ ନିଷ୍କାସନ ବ୍ୟବସ୍ଥା ନ ହୁଏ ତେବେ ଶହଶହ ହେକ୍ଟର ଜମି ଜଳମଗ୍ନ ହୋଇ ପ୍ରତିବର୍ଷ ଫସଲ ନଷ୍ଟ ହେବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏ ଦିଗରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସୁବାସ ଚନ୍ଦ୍ର ସାମଲ, ରଞ୍ଜିତ ବିଶ୍ୱାଳ, ଜଗବନ୍ଧୁ ସାମଲ, ଶୁଭ୍ରଜିତ ସାମଲ, ରାଜୁ ସାମଲ, ପ୍ରମୋଦ କୁମାର ସାମଲ, ଶିବ ପ୍ରସାଦ ସାମଲ ପ୍ରମୁଖ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

### ଓଡ଼ଗାଁରେ ଗୋଷ୍ଠୀ ସଂଘର୍ଷ, ୪ ଆହତ

ଓଡ଼ଗାଁ,୧୭।୧୨(ସ୍ୱ.ପ୍ର.): ସ୍ଥାନୀୟ ଆଦର୍ଶ ଥାନା ଅଧୀନ ବିଜୟମଣ୍ଡପ ସାହିର କେତେଜଣ ବ୍ୟକ୍ତିଙ୍କ ସହ ଖଜୁରିଆ ଗ୍ରାମର କେତେଜଣ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ବିଜୟମଣ୍ଡପ ସାହିର ରାଜା ଜେନା(୨୩), ସଞ୍ଜୟ କୁମାର ନାୟକ(୧୮), ସୁଶାନ୍ତ ସାହୁ(୨୫) ଓ ନିରଞ୍ଜନ ନାୟକ (୨୪) ଆହତ ହୋଇଛନ୍ତି। ସାମାନ୍ୟ କଥାକୁ କେନ୍ଦ୍ରକରି ଗାଁ ମୁଣ୍ଡ ପୋଖରୀ ପୋଲ ଉପରେ ବସିଥିବା କେତେଜଣ ନିର୍ମାଣ ଶ୍ରମିକଙ୍କୁ ବୁଧବାର ରାତିରେ ପାଣି ଖଜୁରିଆର କେତେଜଣ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସ୍ଥାନୀୟ ପୋଲିସ ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଏକ ମାମଲା ରୁଜୁ କରିଛି। ଆକ୍ରମଣକାରୀଙ୍କୁ ଗିରଫ ପାଇଁ ଉଦ୍ୟମ ଚାଲିଛି ବୋଲି ପୋଲିସ କହିଛି। ଏପରିକି ଅଭିଯୁକ୍ତମାନେ ରାଜା ଜେନାଙ୍କ ଏକ ନୂଆ ବାଇକ୍ ଛଡାଇ ନେଇ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି।

# ଶିଶୁ ମୁଣ୍ଡରେ ଇଟାବୋଝ


ଜଣେ ନାବାଳିକା ମୁଣ୍ଡରେ ଇଟା ବୋଡି ନେଉଛନ୍ତି।

**ମହାକାଳପଡା, ୧୭।୧୨(ଡି.ଏନ.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଶିଶୁମାନଙ୍କ ପ୍ରତିଭା ବିକାଶ କରିବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସମାଜରେ ନିଜର ସ୍ୱାର୍ଥ ସାଧନପାଇଁଶିଶୁମାନଙ୍କୁଘରୋଇ, ନିର୍ମାଣ କାମ, ହୋଟେଲ ଓ ଅନ୍ୟ କାର୍ଯ୍ୟରେ ସ୍ୱଳ୍ପ ମୂଲ୍ୟ ବିନିମୟରେ ବିଭିନ୍ନ କଠିନ କାମରେ ନିୟୋଜନ କରାଯାଏ। ଏହି ଶିଶୁ ଶ୍ରମିକ ପ୍ରଥା ଏକ ଧର୍ତ୍ତବ୍ୟ ଅପରାଧ ବୋଲି ସୁପ୍ରିମକୋର୍ଟଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ରହିଛି। ଏହାକୁ କଡ଼ାକଡ଼ି ପାଳନ ପାଇଁ ଉଭୟ ସରକାରଙ୍କୁ କୁହାଯାଇଛି। ଏହାସତ୍ତ୍ୱେ ଏହି ଶିଶୁ ଶ୍ରମିକ ପ୍ରଥାକୁ ଅନେକ ସମୟରେ ଘରୋଇ ମାଲିକ, ଠିକାଦାରମାନଙ୍କ ପାଖରେ ଶୋଷଣର ଶିକାର ହେଉଛନ୍ତି। ଖେଳି ବୁଲି ମଜା ଉଠାଇବା ସମୟରେ ଶିଶୁମାନଙ୍କୁ କାମ କରିବାକୁ ପଡୁଛି। ଏଭଳି ଦୃଶ୍ୟ ଦେଖବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ। ବିଦ୍ୟାଳୟ ବନ୍ଦ ଓ ପରିବାରର ଦାରିଦ୍ର୍ୟ ଯୋଗୁ କେତେଜଣ ଶିଶୁ ଘରୋଇ ମାଲିକଙ୍କ ନିର୍ମାଣ କାମରେ ନିୟୋଜିତ ହୋଇଥିବା ଦେଖିବାକୁ ମିଳିଛି। ବ୍ଲକର ରାମନଗର, ପେଚ୍‌ଛେଲା ଅଞ୍ଚଳରେ କେତେକ ଜନଜାତି ପରିବାରର ଶିଶୁଙ୍କୁ ପାଠ ଛାଡ଼ି ମୁଣ୍ଡରେ ଇଟାବୋଝ ଉଠାଇବାକୁ ପଡୁଛି। ଏଭଳି କରୁଣ ଚିତ୍ରକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି। କିପରି ସମାଜରେ ଏହି ଶିଶୁ ଶ୍ରମିକ ପ୍ରଥା ଲୋପ ପାଇବ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଓ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### କାର୍ଯ୍ୟକାରୀ ହେଉନି ସୁପ୍ରିମକୋର୍ଟ ନିର୍ଦ୍ଦେଶନାମା



ଦେବୀ ନଦୀବନ୍ଧ ସୁରକ୍ଷା କମିଟି ପକ୍ଷରୁ ଅନୁଷ୍ଠିତ ବୈଠକ।

# ନଦୀ ତଳୁ ଢଳେଇ ୱାଲ ନିର୍ମାଣ କରିବାକୁ ଦାବି

**ନାଉଗାଁ,୧୭।୧୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଗଜରାଜପୁର ପଞ୍ଚାୟତର ଡୁମ୍ମେଶ୍ୱରଠାରେ ପ୍ରବାହିତ ଦେବୀ ନଦୀରେ ନିର୍ମିତ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପକୁ ସ୍ଥାନୀୟ ଲୋକ ବିରୋଧ କରି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଛନ୍ତି। ଏନେଇ ଡୁମ୍ମେଶ୍ୱର ନଦୀ ବନ୍ଧ ସୁରକ୍ଷା କମିଟି ପକ୍ଷରୁ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଜରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ମେଗା ପାନୀୟ ଜଳ ପ୍ରକଳ୍ପକୁ ନେଇ ଉପୁଜିଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରକଳ୍ପ ନିର୍ମାଣ ଯୋଗୁ ଦେବୀ ନଦୀ ବନ୍ଧରେ ଫାଟ ସୃଷ୍ଟି ହେଉଛି। ବନ୍ୟା ଆସିଲେ ବନ୍ଧ ଭୁଶୁଡି ବ୍ଲକ ଅନ୍ତର୍ଗତ ୧୬ ପଞ୍ଚାୟତର ଧନ ଜୀବନହାନି ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ମେଗା ପାନୀୟ ଜଳ ପ୍ରକଳ୍ପ ନିକଟରେ ଉଭୟ ପାର୍ଶ୍ୱରେ ଥିବା ୨ଟି ବୁରୁଜ ପର୍ଯ୍ୟନ୍ତ ନଦୀ ତଳୁ ଢଳେଇ ୱାଲ ନିର୍ମାଣ କରାଯାଉ। ଗଳଦାରୀ, ରୋହିଆ, ନୂଆଗାଁ, ଅଲଣା ଓ ଗଜରାଜପୁର ଆଦି ପଞ୍ଚାୟତର ସମସ୍ତ ଗ୍ରାମକୁ ଶୁଦ୍ଧ ପାନୀୟ ଜଳ ପ୍ରଦାନ କରାଯାଉ। ଏଥିସହ ନଦୀବନ୍ଧର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଗଲେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଆଲୋଚନାରେ ନବ କିଶୋର ମହାନ୍ତି, ଅଶୋକ ସ୍ୱାଇଁ, ସୁବାସ ସ୍ୱାଇଁ, ବଂଶୀଧର ବେହେରା, ପଦ୍ମ ଚରଣ ରାଉତ ଓ ଶିବ ପ୍ରସାଦ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଦେବୀ ନଦୀ ବନ୍ଧରେ ନିର୍ମାଣ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ବାଲିକୁଦା,ଏରସମା ଓ ନାଉଗାଁ ବ୍ଲକର ୧୩୬ଟି ଗ୍ରାମକୁ ମଧୁର ପାନୀୟ ଜଳ ଯୋଗାଇ ପାଇଁ ବ୍ୟବସ୍ଥା କରାଯାଇଛି। ମାତ୍ର ବନ୍ଧ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରକଳ୍ପ କାର୍ଯ୍ୟକୁ ସ୍ଥାନୀୟ ଲୋକେ ବିରୋଧ କରିବା ପରେ ୬ ଡିସେମ୍ବରରେ ଡୁମ୍ମେଶ୍ୱର ନଦୀବନ୍ଧ ସୁରକ୍ଷା କମିଟି ଗଠନ କରାଯାଇଥିଲା। ୧୦ ଡିସେମ୍ବରରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଜିଲାପାଳ ସରୋଜକାନ୍ତ ମିଶ୍ର ଏହି ସ୍ଥାନ ବୁଲି ଦେଖିଥିଲେ। ଜନସାଧାରଣଙ୍କ ଦାବି ଅନୁସାରେ ବନ୍ଧର ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରକଳ୍ପ କାର୍ଯ୍ୟ କରାଯିବ ବୋଲି ମୁଦୁଲି ସେତେବେଳେ କହିଥିଲେ।

### ଦେବୀ ନଦୀ ବନ୍ଧର ସୁରକ୍ଷା ପ୍ରସଙ୍ଗ

## ଭଦ୍ରକ ବିଡିଓଙ୍କ ପରଲୋକ

**ଭଦ୍ରକ ଅଫିସ,୧୭।୧୨:** ଭଦ୍ରକ ବିଡିଓ ଦାମୋଦର ଖୁଣ୍ଟିଆ (୫୯)ଙ୍କର ବୁଧବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ୨୦୧୯ ଡିସେମ୍ବର ୧୭ରେ ଭଦ୍ରକ ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ଶ୍ରୀରାମପୁର ଅଞ୍ଚଳରେ ହୋଇଥିବା ବେଳେ ସେ ବ୍ଲକ କଲୋନୀ ସରକାରୀ କ୍ୱାର୍ଟର୍ସରେ ରହୁଥିଲେ। ତାଙ୍କ ମୃତ୍ୟୁରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସଙ୍କ ଅଧକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।

## ନିଆଁ ଲାଗି ପୋଡ଼ିଗଲା ଯୌତୁକ ସାମଗ୍ରୀ

**ଯାଜପୁର ଅଫିସ/ ଚଣ୍ଡିଖୋଲ, (ଡି.ଏନ.ଏ.)୧୭।୧୨**

ବଡ଼ଚଣା ବ୍ଲକ ଚଣ୍ଡିତଳ ପଞ୍ଚାୟତ ଅଧୀନ ବାତୋ ଗ୍ରାମରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ସହ ୨ଲକ୍ଷ ଟଙ୍କାର ଯୌତୁକ ସାମଗ୍ରୀ ଜଳିପାଉଁଶ ହୋଇଯାଇଛି। ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବାତୋ ମୁସିଲିମ୍ ବସ୍ତିର ଅନିସ୍ ମହମ୍ମଦଙ୍କ ଘରେ ବସିଥିବା ଇଲେକ୍ଟ୍ରିକ ମିଟର ସଟ୍ ଶର୍କଟ୍ ଘଟି ଅଗ୍ନି ସଂଯୋଗ ହୋଇଥିଲା। ଫଳରେ ତାଙ୍କ ଘର ସହ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପୋଡ଼ିଯାଇଥିଲା। ତେବେ ଜାନୁୟାରୀ ୭ରେ ଅନିସ୍‌ଙ୍କ ଭଉଣୀ ବିବାହ ସ୍ଥିର ହୋଇଥିଲା। ଏଥିପାଇଁ ସେ ଖଟ, ସୋଫାସେଟ୍, ଗଡ୍ରେଜ୍, ଆଲମିରା, ଡ୍ରେସିଂ ଟେବୁଲ, ଆଲଣା ଓ ଫ୍ରିଜ୍ ଆଦି ଆଣି ରଖିଥିଲେ। ମାତ୍ର ସେ ସବୁ ପାଉଁଶ ହୋଇଯାଇଛି। ଜଳି ଯାଇଥିବା ସାମଗ୍ରୀର ମୂଲ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅନିସ୍ କହିଛନ୍ତି। ଚଣ୍ଡିତଳ ସରପଞ୍ଚ ମୋମିନ ଅଲ୍ଲୀ ଖାଁ ଅଗ୍ନି ବିପନ୍ନ ଅନିସ୍‌ଙ୍କୁ ସରକାରୀ ସାହାଯତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।

# ପ୍ରତିଷ୍ଠା ହେଲା ନାହିଁ ଆଦର୍ଶ ବିଦ୍ୟାଳୟ

**ମାର୍ଶାଘାଇ,୧୭।୧୨(ଡି.ଏନ.ଏ.)**

ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ତଥା ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରାଯିବ। ଶିକ୍ଷା କ୍ଷେତ୍ରରେ ଓଡ଼ିଆ ପିଲା ପଛରେ ପଡିବେ ନାହିଁ। ସିବିଏସ୍‌ସି ଢାଞ୍ଚାରେ ଶିକ୍ଷାର୍ଥୀ ମାଗଣାରେ ପାଠ ପଢିବେ। ଜାତୀୟସ୍ତରରେ ଓଡ଼ିଆ ପିଲା ନାଁ ଉଜ୍ଜ୍ୱଳ କରିବେ। ଏହି ଲକ୍ଷ୍ୟ ନେଇ ରାଜ୍ୟ ସରକାର ୩୧୪ ବ୍ଲକରେ ଗୋଟିଏ ଲେଖାଏ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ୨୦୧୫-୧୬ ବର୍ଷରେ ନୀତିଗତ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଶିକ୍ଷାବିତ୍ ଡା. ବିଜୟ କୁମାର ସାହୁଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଥିଲା। ଇତିମଧ୍ୟରେ ଅଧିକାଂଶ ବ୍ଲକରେ ଏହି ସ୍କୁଲ ଖୋଲାଯାଇ ପାଠପଢା ଆରମ୍ଭ ହେଲାଣି। ମାତ୍ର ମାର୍ଶାଘାଇ ବ୍ଲକରେ ଜମି ଅଧିଗ୍ରହଣ ଦେଢବର୍ଷ ତଳୁ ହୋଇ ସାରିଥିଲେ ମଧ ନିର୍ମାଣ କାର୍ଯ୍ୟରେ ଶିଥିଳତା ଏଥିରେ ବାଧକ ସାଜିଛି। ଫଳରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ୬ଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ନବୋଦୟ ଢାଞ୍ଚାରେ ମାଗଣା ଶିକ୍ଷା ପ୍ରଦାନ ସ୍ୱପ୍ନ ଅଧୁରା ରହିଯାଇଛି।

ସୂଚନାଯୋଗ୍ୟ, ମାର୍ଶାଘାଇ ବ୍ଲକ ହିନ୍ଦୁଳିଆଠାରେ ୨ ଏକର ଜମି ଅଧିଗ୍ରହଣ କରାଯାଇ ଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯାଇଛି। ଇତିମଧ୍ୟରେ ଦେଢବର୍ଷରୁ ଊର୍ଦ୍ଧ୍ୱ ସମୟ ପୁରିବାକୁ ବସିଥିବା ବେଳେ ଏ ପର୍ଯ୍ୟନ୍ତ ଶିଳାନ୍ୟାସ ହୋଇନାହିଁ। ଏ ସମ୍ପର୍କରେ ଶିକ୍ଷାବିତ୍ ବିପିନ ବିହାରୀ ସ୍ୱାଇଁ କୁହନ୍ତି, ବିଦ୍ୟାଳୟ ନିର୍ମାଣରେ ବିଳମ୍ବ ଯୋଗୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଘରୋଇ ବିଦ୍ୟାଳୟରେ ପାଠ ପଢାଇ ଅଯଥାରେ ଅର୍ଥଶ୍ରାଦ୍ଧ କରିବାକୁ ବାଧ ହେଉଛନ୍ତି। ତେଣୁ ଯଥାଶୀଘ୍ର ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେଲେ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରମାନେ ଇଂଲିଶ ମାଧ୍ୟମରେ ପାଠ ପଢି ନିଜ ସ୍ୱପ୍ନ ସାକାର ହୋଇପାରିବେ। ଏ ସଂକ୍ରାନ୍ତରେ ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱ ନେଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀଯନ୍ତ୍ରୀ କହିଛନ୍ତି ସ୍କୁଲ ନିର୍ମାଣ କାମ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ।

### ଜମି ଅଧିଗ୍ରହଣକୁ ଦେଢ ବର୍ଷ ବିତିଲା

# ଶାରଳା ମନ୍ଦିର ଖୋଲିବାକୁ ଜିଲାପାଳଙ୍କ ସବୁଜ ସଙ୍କେତ

**ଜଗତ୍‌ସିଂହପୁର ଅଫିସ୍, ୧୭।୧୨**

ଜଗତ୍‌ସିଂହପୁର ଜିଲାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା’ ଶାରଳା। କୋଭିଡ୍-୧୯ ପୂର୍ବରୁ ମା’ଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନ ହେଉଥିଲା। କିନ୍ତୁ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଶାରଳା ମନ୍ଦିର ସମେତ ସମସ୍ତ ଦେବଦେବୀ ମନ୍ଦିରରେ କଟକଣା ଲଗାଇ ଦେଇଛନ୍ତି। ନିକଟରେ ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀଲିଙ୍ଗରାଜ, ଶ୍ରୀବଳଦେବଜୀଉ ଓ ମା’ ବିରଜା ମନ୍ଦିର ଆଦି ଖୋଲିବାକୁ ଜିଲା ପ୍ରଶାସନ ପକ୍ଷରୁ ଘୋଷଣା ହୋଇଛି। କିନ୍ତୁ ଶାରଳା ମନ୍ଦିର ଖୋଲିବା ନେଇ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇନାହିଁ। ଏ ସମ୍ପର୍କରେ ଶାରଳା ମନ୍ଦିର ବଡ଼ପଣ୍ଡା ରଞ୍ଜନ କୁମାର ପଣ୍ଡା କହିଛନ୍ତି, ଭକ୍ତଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୋଭିଡ୍ କଟକଣାକୁ କଡ଼ାକଡି କରି ମନ୍ଦିର ଖୋଲିବାକୁ ବ୍ୟବସ୍ଥା କରାଯିବା ଉଚିତ। ମନ୍ଦିର ନିର୍ବାହୀ ଅଧିକାରୀ ଶୌର୍ଯ୍ୟ ରଞ୍ଜନ ପରିଜା କହିଛନ୍ତି, ମନ୍ଦିର ଖୋଲିବା ସଂକ୍ରାନ୍ତରେ ଜିଲାପାଳଙ୍କ ସହ ଆଲୋଚନା ହୋଇଛି। ଏ ସମ୍ପର୍କରେ ଜିଲାପାଳ ସରୋଜ କୁମାର ମିଶ୍ର କହିଛନ୍ତି, ୨ରୁ ୪ ଦିନ ମଧ୍ୟରେ ବୈଠକ ଆୟୋଜନ କରାଯିବ। ଏଥିରେ ପଣ୍ଡା, ସେବାୟତ, ପୋଲିସ ପ୍ରଶାସନ ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ମଧ୍ୟରେ ମନ୍ଦିର କିପରି ଖୋଲଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହେବ।

## ପିସ୍ତଲ ଜବତ, ୨ ଗିରଫ

**ଜଗତ୍‌ସିଂହପୁର ଅଫିସ୍, ୧୭।୧୨:** ଜଗତ୍‌ସିଂହପୁର ଥାନା ପୋଲିସ ୨ଟି ପିସ୍ତଲ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା କାଳିଆବୋରାର ପ୍ରଦ୍ୟୁମ୍ନ ଦାସ ଓ ସନିଆ ଦାସ। ଜଣଙ୍କଠାରୁ ୨୨ ଓ ଅନ୍ୟଜଣଙ୍କଠାରୁ ୭.୬ ଏମ୍‌ଏମ୍ ପିସ୍ତଲ ଜବତ ହୋଇଛି। ଉଭୟଙ୍କ ନାଁରେ ଏକାଧିକ ମାମଲା ରହିଛି। ବନ୍ଧୁକ ଧରି ଆତଙ୍କ ଖେଳାଉଥିବାବେଳେ ପୋଲିସ ସେମାନଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିବା ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ଏନେଇ ମାମଲା (ନଂ.୪୯୦/୨)୦ ରୁଜୁ ହୋଇଛି।

# ନାଠିଆପଲ୍ଲୀରେ ବଧୂହତ୍ୟା

**ନୟାଗଡ଼ ଅଫିସ,୧୭।୧୨**

ନୟାଗଡ଼ ଜିଲା ଶରଣକୂଳ ଥାନା ମଗରବନ୍ଧ ପଞ୍ଚାୟତ ନାଠିଆପଲ୍ଲୀରେ ଏକ ବଧୂ ହତ୍ୟା ଘଟିଛି। ସ୍ୱାମୀ, ଶ୍ୱଶୁର ଓ ଶାଶୁଙ୍କ ସମେତ ଅନ୍ୟ ହତ୍ୟାକାରୀମାନେ ପ୍ରଭାସିନୀ ସାହୁ ନାମ୍ନୀ ଜଣେ ମହିଳାଙ୍କୁ ପୋଡି ଫେରାର ହୋଇ ଯାଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୫୧/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

୨୦୧୫ରେ ନାଠିଆପଲ୍ଲୀର ହରି ପ୍ରଧାନ(୩୦) କଟକ ଜିଲା ତିଗିରିଆ ନୂଅପାଟଣାର ପ୍ରଭାସିନୀ(୨୮)ଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କ ୨ ସନ୍ତାନ ଅଛନ୍ତି। ବୁଧବାର ପ୍ରଭାସିନୀଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ବିଷ ପିଇଥିବା ଶାଶୁ ଘର ପକ୍ଷରୁ କୁହାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶାଶୁ ଘର ଲୋକେ ପ୍ରଭାସିନୀଙ୍କ ବିଷ ପିଆ ଓ ମୃତ୍ୟୁ ଖବର ବାପ ଘରକୁ ଜଣାଇ ନ ଥିଲେ, ତରବରିଆ ଭାବେ ମୃତଦେହକୁ ଗାଁକୁ ଆଣି ପୋଡି ଦେଇଥିଲେ। ଭାଇ କୃଷ୍ଣଚନ୍ଦ୍ର ଏ ସଂକ୍ରାନ୍ତରେ ଖବର ପାଇ ଭଉଣୀ ଘରେ ପହଞ୍ଚି ଥିଲେ। ପ୍ରଭାସିନୀଙ୍କ କ’ଣ ହୋଇଥିଲା ବୋଲି ପ୍ରଶ୍ନ କରିବାରୁ ତାଙ୍କୁ କିଛି ଉତ୍ତର ମିଳି ନ ଥିଲା। ଏହାର କିଛି ସମୟ ପରେ ପରିବାର ଲୋକେ ଫେରାର ହୋଇଯାଇଥିଲେ। ପରେ କୃଷ୍ଣଚନ୍ଦ୍ର ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଛନ୍ତି। ବିବାହ ସମୟରେ ବରପକ୍ଷର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ହେଲେ ହରି ପୁଣି ୧ ଲକ୍ଷ ଟଙ୍କା ଦାବି କରି ପ୍ରଭାସିନୀଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ପ୍ରଭାସିନୀ ଏଥିରେ ଅରାଜି ହେବାରୁ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିବା କୃଷ୍ଣଚନ୍ଦ୍ର ଅଭିଯୋଗ କରିଛନ୍ତି।

### ମୃତଦେହ ପୋଡ଼ି ହତ୍ୟାକାରୀ ଫେରାର

# ଘରୋଇ ସ୍କୁଲ ରାସ୍ତା ନିର୍ମାଣକୁ ବିରୋଧ

**ପଟ୍ଟାମୁଣ୍ଡାଇ, ୧୭।୧୨(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଭିନ୍ନ ଗୋଚର, ଅନାବାଦୀ, ପତିତ ଆଦି ସରକାରୀ ଜମିକୁ ଚଞ୍ଚକତା କରି ପ୍ରଭାବଶାଳୀ ବ୍ୟକ୍ତିମାନେ ଜବରଦଖଲ କରି ଚାଲିଛନ୍ତି। ଏମିତି ଘଟିଛି ପଟ୍ଟାମୁଣ୍ଡାଇ ତହସିଲ ବେଲତଳ ମୌଜାରେ। ଅବସରପ୍ରାପ୍ତ ସ୍ୱର୍ଗତ ସେନା କର୍ମଚାରୀ ପାଇଥିବା ଜମି ଉପରେ ଏକ ଘରୋଇ ସ୍କୁଲ ପାଇଁ ରାସ୍ତା ନିର୍ମାଣ ଚାଲିଛି। ଏହାକୁ ତାଙ୍କର ଦୁଇ ପୁଅ ବିରୋଧ କରି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଯଦି ପ୍ରଶାସନ ଏଭଳି ସମ୍ବେଦନଶୀଳ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ଦୁଇପୁଅ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନେବେ ବୋଲି କହିଛନ୍ତି।

ସ୍ଥାନୀୟ ବାଲିପଡା ଗାଁର ଅବସରପ୍ରାପ୍ତ ସେନା କର୍ମଚାରୀ ସ୍ୱର୍ଗତ ଭାସ୍କର ସାହୁ ଉତ୍ତମ ସେବା ପାଇଁ ୧୯୮୩ରେ ବେଲତଳ ମୌଜାର ୪ ଗୋଟି ପ୍ଲଟ ବିଶିଷ୍ଟ ୫ ଏକର ୩୫ ଡିସିମିଲି ଚାଷ ଜମି ପାଇଥିଲେ। ସାହୁଙ୍କୁ ମିଳିଥିବା ୫.୩୫ ଏକର ଜମିକୁ ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ସୈନ୍ୟ ବିଭାଗ ନିର୍ଦ୍ଦେଶରେ ତାଙ୍କ ପୁଅ ରଘୁନାଥ ଓ ପ୍ରଭାକରଙ୍କୁ ଚିହ୍ନଟ ଦିଆଯାଇଥିଲା। ୧୯୮୬ରେ ଚିହ୍ନଟ ଜମିକୁ ନିଜ ନାମରେ କରାଇ ନେବାକୁ ଭୁଲବଶତଃ ଚକବନ୍ଦୀରେ ଚାଲିଥିବା ୧୮ ଧାରାରେ ଆବେଦନ କରି ପାରି ନ ଥିଲେ। ୨୦୦୩ରେ କେନ୍ଦ୍ରାପଡା ଜିଲାପାଳଙ୍କ ନିକଟରେ ଆପତ୍ତି କରି ଉକ୍ତ ଜମିକୁ ଦୁଇ ପୁଅ ନିଜ ନାମରେ ରେକର୍ଡଭୁକ୍ତ କରିବାକୁ ଆଦେଶ ଆଣିଥିଲେ। ତଦନୁଯାୟୀ ଦୁଇପୁଅ ରଘୁନାଥ ଓ ପ୍ରଭାକର ପଟ୍ଟା ପାଇଥିଲେ। ତାଙ୍କ ବାପାଙ୍କ ନାମରେ ଥିବା ଜମିକୁ ପ୍ରଶାସନ ଅନ୍ୟମାନଙ୍କ ନାମରେ ଲିଜ୍ ଦେବାକୁ ମସୁଧା କରୁଥିବା ସମ୍ପର୍କରେ ଦୁଇପୁଅ ଜାଣିବାକୁ ପାଇଥିଲେ। ପରେ ସେମାନେ କେନ୍ଦ୍ରାପଡ଼ା ସିଭିଲ ଜଜ୍ ସିନିୟର (ଡିଭିଜନ)ଙ୍କ କୋର୍ଟରେ ସିଏସ୍ ନଂ. ୪୬୪/୨୦୧୩ରେ ମାମଲା ଦାଏର କରିଥିଲେ। ଏହି ମାମଲା ବିଚାରାଧୀନ ଥିବା ବେଳେ ସେନା କର୍ମଚାରୀ ସ୍ୱର୍ଗତ ସାହୁ ପାଇଥିବା ଜମି ମଧ୍ୟରୁ ପ୍ଲଟ ନଂ. ୭୮୬ ରକବା ୧ ଏକର ୩୫ ଡିସିମିଲ ଜମି ମଝିରେ ଏକ ଘରୋଇ ସ୍କୁଲ ପାଇଁ ପଟ୍ଟାମୁଣ୍ଡାଇ ପୌରପରିଷଦ ପରିବର୍ତ୍ତେ ବ୍ଲକ ପକ୍ଷରୁ ରାସ୍ତା ନିର୍ମାଣ କରାଯାଉଛି। ଏହା ବ୍ଲକ ଅଞ୍ଚଳ ହୋଇ ନ ଥିଲେ ମଧ ବିଧାୟକଙ୍କ ଉନ୍ନୟନ ପାଣ୍ଠି ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚାଲିଛି। ଏ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେନ୍ଦ୍ରାପଡା ସିଭିଲ କୋର୍ଟ (ସିନିୟର ଡିଭିଜନ)ଙ୍କ ରହିତାଦେଶକୁ ଭାରପ୍ରାପ୍ତ ବିଡିଓ ଭରତ ଚନ୍ଦ୍ର ପରିଡା ଗ୍ରହଣ କରୁନାହାନ୍ତି। ଏ ସମ୍ପର୍କରେ ବିଡିଓ ପରିଡାଙ୍କୁ ପଚାରିବାରେ, ବିଧାୟକଙ୍କ ଉନ୍ନୟନ ପାଣ୍ଠିରେ ରାସ୍ତା ନିର୍ମାଣ କାମ ଚାଲିଛି। କୋର୍ଟ ନିର୍ଦ୍ଦେଶ ପଢ଼ିନାହିଁ, ନିର୍ଦ୍ଦେଶ ପଢ଼ି ଠିକ୍ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଉକ୍ତ ପ୍ଲଟ ଉପରେ ପୂର୍ବରୁ ଗଭୀର ନଳକୂପ ଓ ଗୋଦାମ ଗୃହ ନିର୍ମାଣ କାମ ଦୁଇ ଭାଇଙ୍କ ଅଭିଯୋଗକ୍ରମେ ବନ୍ଦ ରହିଛି। ତେବେ କେନ୍ଦ୍ର ସରକାର ତଥା ସେନା ବିଭାଗ ପକ୍ଷରୁ ପାଇଥିବା ଜମି ଉପରେ ପ୍ରଶାସନ କିପରି ଦୃଷ୍ଟି ଦେଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ସେନା କର୍ମଚାରୀଙ୍କୁ ମିଳିଥିଲା ଜମି


ସେନା ଅଧିକାରୀଙ୍କ ଜାଗାରେ ରାସ୍ତା ନିର୍ମାଣ ଚାଲିଛି।

## ଜୁଏଲର୍ସ ଦୋକାନରେ ଅଗ୍ନିକାଣ୍ଡ

**ନୟାଗଡ଼ ଅଫିସ:** ରଣପୁର ସୁନାଖଳା ଦୁର୍ଗାବଜାରସ୍ଥିତ ବିଭୂତି ମହାରଣାଙ୍କ ସୁନାରୁପା ଗହଣା ଦୋକାନରେ ବୁଧବାର ରାତି ପ୍ରାୟ ସାଢ଼େ ୮ଟାରେ ଗ୍ୟାସ୍ ଟାଙ୍କି ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ବୋଲଗଡ଼ ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ଅଗ୍ନି ନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ଅନୁମାନ କରାଯାଇଛି। ଦୋକାନ ବନ୍ଦ ଥିବା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା।

## ସଂକ୍ଷେପରେ

### ୨ ବଖରା ଜଳିଗଲା

**ଦଶପଲ୍ଲା,୧୭।୧୨(ଡି.ଏନ.ଏ.):** ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ଆଦିବାସୀ ବହୁଳ ଚଢେୟାପଲ୍ଲୀ ପଞ୍ଚାୟତ ବାଲିବେରେଣା ଗ୍ରାମରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ପୋଡ଼ି ଯାଇଛି। ଏହି ଅଗ୍ନିକାଣ୍ଡରେ ସବିତା ନାୟକ, ପ୍ରଦୀପ ନାୟକଙ୍କ ଘରର ବିଭିନ୍ନ ସାମଗ୍ରୀ ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଗ୍ରାମବାସୀ କହିଛନ୍ତି। ଘଟଣାସ୍ଥଳଠାରୁ ୩୫ କି.ମି. ଦୂରରେ ଥିବା ଦଶପଲ୍ଲା ଦମକଳ କେନ୍ଦ୍ରର କର୍ମଚାରୀମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ମହାନଦୀକୁ ଡେଇଁ ଛାତ୍ର ନିଖୋଜ

**କୁଜଙ୍ଗ,୧୭।୧୨(ଡି.ଏନ୍.ଏ.):** କୁଜଙ୍ଗ ବ୍ଲକର କୃଷି ଫାର୍ମ ନିକଟରେ ପ୍ରବାହିତ ମହାନଦୀକୁ ଡେଇଁ ଜଣେ ୩ୟ ବର୍ଷର ଇଞ୍ଜିନିୟରିଂ ଛାତ୍ର ଗୁରୁବାର ନିଖୋଜ ହୋଇଛନ୍ତି। ସେ ହେଲେ କୁଜଙ୍ଗ ଥାନା କରତୁଠା ଗ୍ରାମର ଉମେଶଚନ୍ଦ୍ର ନାୟକଙ୍କ ପୁତ୍ର ଲକ୍ଷ୍ମୀକାନ୍ତ ନାୟକ (୨୨)। ସେ ବାଇକରେ ଆସି ଫାର୍ମ ନିକଟସ୍ଥ ସ୍ଥରରେ ପହଞ୍ଚିବା ପରେ ମହାନଦୀକୁ ଡେଇଁ ପଡିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି କୁଜଙ୍ଗ ଥାନା ଓ ଅଗ୍ନିଶମ ବିଭାଗରେ ଜଣାଇଥିଲେ। ବିଭାଗୀୟ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ପୋଲିସ ବାଇକ୍ ପାଖରୁ ଲକ୍ଷ୍ମୀକାନ୍ତଙ୍କ ୨ଟି ମୋବାଇଲ୍ ପାଇ ପରିବାର ଲୋକଙ୍କୁ ଜଣାଇଥିଲା। ଖବରପାଇ ତାଙ୍କ ବାପା ପହଞ୍ଚି ବାଇକ୍ ଓ ମୋବାଇଲ୍‌କୁ ଚିହ୍ନଟ କରିବା ସହ ପାରିବାରିକ କଳହକୁ କେନ୍ଦ୍ର କରି ପୁଅ ନଦୀକୁ ଡେଇଁଥିବା କହିଛନ୍ତି। ଶୁକ୍ରବାର ଓଡ୍ରାଫ ଟିମ୍ ଖୋଜାଖୋଜି କରିବ ବୋଲି ଥାନା ଅଧିକାରୀ ପାରାଓ ଟୁଡ କହିଛନ୍ତି।

### ୨ କିଲୋ ଗଞ୍ଜେଇ ଜବତ

**ବାଲିକୁଦା,୧୭।୧୨(ସ୍ୱ.ପ୍ର.):** ନାଉଗାଁ-ମାଛଗାଁ ଦେବୀ ନଦୀ ବନ୍ଧରୁ ବାଲିକୁଦା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଚଢାଉ କରାଯାଇ ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯାଇଛି। ସେ ହେଲେ ଆମ୍ଭାଶାଳ ପଞ୍ଚାୟତ ନାଆଦା ଗାଁର ସୁରେଶ ସ୍ୱାଇଁ। ତାଙ୍କ ପାଖରୁ ୨ କିଲୋ ଗଞ୍ଜେଇ ସହ ଗୋଟିଏ ବାଇକ୍ ଜବତ କରାଯାଇଛି। ସୁରେଶ ବାଇକ୍ ଗଞ୍ଜେଇ ନେଇ ଦେବୀ ନଦୀ ବନ୍ଧ ଦେଇ ଯାଉଥିବା ବେଳେ ଅବକାରୀ ବିଭାଗ ହାତରେ ଧରାପଡ଼ିଥିଲେ। ଏହି ଚଢ଼ାଉରେ ଏସଆଇ ନିଳିମା ଜୟନ୍ତୀ ସ୍ୱାଇଁ, ଏଏସ୍ଆଇ ଚିନ୍ମୟ ଦାସ, କନଷ୍ଟେବଲ ଚିତ୍ତରଞ୍ଜନ ଦାଶ, ହିମାଂଶୁ ନାୟକ, ନବଘନ ମାରାଣ୍ଡି, ଓ କଲ୍ୟାଣୀ ସେଠୀ ସାମିଲ ହୋଇଥିଲେ।

### ୮ ନୂତନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

**ପାରାଦୀପ,୧୭।୧୨(ସ୍ୱ.ପ୍ର.):** ପାରାଦୀପ ପୌରପାଳିକା ପକ୍ଷରୁ ଗୁରୁବାର ୮ ନୂତନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରାଯାଇଛି। ସେଗୁଡ଼ିକ ହେଲା ୨ ନଂ ୱାର୍ଡରେ କମ୍ୟୁନିଟି ସେଣ୍ଟର, ୬,୧୬ ଓ ୧୯ ନଂ.ୱାର୍ଡରେ ଶୌଚାଳୟ, ବେଳାଭୂମି ରାସ୍ତାରେ ଷ୍ଟ୍ରିଟ୍‌ଲାଇଟ୍, ୧୮ନଂ.ୱାର୍ଡରେ ସ୍କୁଲ ଗୃହ, ଓ ପୌରପାଳିକା ଅଫିସ ପରିସରରେ ଏକ ସାଇକେଲ ଷ୍ଟାଣ୍ଡ। ଏଥିସହ ୨୦୧୮ ଚିହ୍ନଟ କରାଯାଇଥିବା ଉଠାଦୋକାନୀମାନଙ୍କୁ ଭେଣ୍ଡିଂଜୋନ୍ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏମପି ରାଜଶ୍ରୀ ମଲ୍ଲିକଙ୍କ ସମେତ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ପୂର୍ବତନ ପୌରାଧକ୍ଷ ବସନ୍ତ ବିଶ୍ୱାଳ,ନିର୍ବାହୀ ଅଧିକାରୀ ସୌରିନ୍ଦ୍ର ରାଉତରାୟ, ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧିର ପ୍ରମୁଖ ଉପସ୍ଥିତ ଥିଲେ।

### ରଶି ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା

**ସିଂହପୁର,୧୭।୧୨(ଡି.ଏନ.ଏ.):** ବିଞ୍ଝାରପୁର ଥାନା ଅନ୍ତର୍ଗତ ଓଲେଇ ଚନ୍ଦନପୁର ଗ୍ରାମର ଜଣେ ବ୍ୟକ୍ତି ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର ପ୍ରଫୁଲ୍ଲ ରାଉତ(୫୫)। ପ୍ରଫୁଲ୍ଲ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ମୃତ୍ୟୁର କାରଣ ଜଣାପଡ଼ି ନ ଥିଲେ ମଧ ମାନସିକ ଭାରସ୍ୟାମ ହରାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

# ମାଣ୍ଡୁକା ଅସିଆ, ଅଚ୍ୟୁତ ବସନ୍ତ ପର୍ବତମାଳାକୁ ଲିଜ୍

**ଚଣ୍ଡିଖୋଲ,୧୭।୧୨(ଡି.ଏନ.ଏ.)**

- ଖନନ ଯୋଗୁ ଉଜୁଡ଼ିବ ବିସ୍ତୀର୍ଣ୍ଣ ଜଙ୍ଗଲ
- ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରୁ ବନ୍ୟଜନ୍ତୁ ଲୋପ ପାଇବେ

ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନ ମାଣ୍ଡୁକା ଅସିଆ ଓ ଅଚ୍ୟୁତ ବସନ୍ତ ପାହାଡ଼ର ସଇରାତ ଉତ୍ସଗୁଡ଼ିକୁ ଦୀର୍ଘ ମିଆଦୀ ଲିଜ୍‌ରେ ମୋରମ ଖନନ ନିମନ୍ତେ ଗୁରୁବାର ନିଲାମ କରାଯାଇଛି। ତେବେ ମୋରମ ଖନନ ହେହେଲ ଅସିଆ ପର୍ବତମାଳାରେ ଥିବା ବ୍ୟାପକ ଜଙ୍ଗଲ ନଷ୍ଟ ହେବ, ବିରଳ ଜୀବଜନ୍ତୁ ଲୋପ ପାଇବେ ବୋଲି ଅଭିଯୋଗ ହୋଇଛି।

ଅସିଆ ପର୍ବତମାଳା ଅଧୀନରେ ୨୬୦୦ ଏକର ଜଙ୍ଗଲ ଜମି ଅଛି। ଜଙ୍ଗଲ ସନ୍ନିକଟ କେତେକ ଅଂଶ (ପାହାଡ) ରାଜସ୍ୱ ବିଭାଗ ଅଧୀନରେ ରହିଛି। ପୂର୍ବରୁ ପାହାଡ ଖନନକୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ ତଦନ୍ତ କରି ବନ୍ଦ କରିଥିଲା। ସେଦିନଠାରୁ ପାହାଡର କୌଣସି ଅଂଶ ଲିଜ୍ ଦିଆଯାଇ ନ ଥିଲା। ଅସିଆ ମୌଜାର ଖାତା ନଂ. ୭୩୭, ପ୍ଲଟ୍ ନଂ.୪୯୧ ପାହାଡ କିସମ ଜମିର ୫ ଏକର ଲିଜ୍ ଦିଆଯାଇଛି। ସେହିଭଳି ଅଚ୍ୟୁତବସନ୍ତ ମୌଜାର ଖାତା ନଂ. ୪୭୧ ପ୍ଲଟ ନଂ. ୧୦୬୧ର ୯.୭୫ ଏକର ଓ ମାଣ୍ଡୁକା ମୌଜାର ଖାତା ନଂ. ୧୩୪୯ ପ୍ଲଟ ନଂ. ୩୬୧୧ରେ ପର୍ବତ କିସମ ୧୨ ଏକର ସ୍ଥାନକୁ ଲିଜ୍ ଦିଆଯାଇଛି। ତେବେ ଉପରୋକ୍ତ ସ୍ଥାନରେ ପୂର୍ବରୁ ଜଙ୍ଗଲ ବିଭାଗ ପକ୍ଷରୁ ବୃକ୍ଷରୋପଣ କରାଯାଇଛି। ଆଗକୁ ଏସବୁ ସ୍ଥାନ ଖନନ ହେଲେ ଶତାଧିକ ସଂଖ୍ୟାରେ ଗଛ କାଟିବାକୁ ପଡିବ। ଲିଜ୍ ଯୋଗୁ ସବୁଜ ବନାନୀ ଉଜୁଡିବ ବୋଲି ସ୍ପଷ୍ଟ ହୋଇଛି।

ମୋରମ ଖନନ ପାଇଁ ଗଛ କଟାକୁ ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଅସିଆ ମୌଜାରୁ ବାର୍ଷିକ ୧୪୮୦୭ ଘନମିଟର, ଅଚ୍ୟୁତବସନ୍ତ ୩୦୨୨୭ ଘନମିଟର ଓ ମାଣ୍ଡୁକା ମୌଜାରୁ ୩୩୭୨୧ ଘନମିଟର ମୋରମ ଉତ୍ତୋଳନ କରାଯିବ ବୋଲି ଦର୍ଶାଯାଇଛି। ପ୍ରତି ଘନମିଟର ପାଇଁ ୩୫ ଟଙ୍କା ସର୍ବନିମ୍ନ ରୟାଲ୍ଟି ଘୋଷଣା କରାଯାଇଥିବା ବେଳେ ଅତିରିକ୍ତ ଦେୟ ବାବଦରେ ୪୫ ଟଙ୍କା ଧାର୍ଯ୍ୟ କରାଯାଇଛି। ଅନ୍ୟପକ୍ଷେ ଏହି ପାହାଡଗୁଡ଼ିକର ଖନନ କରାଗଲେ ସେଠାରେ ଥିବା ବିରଳ ପ୍ରଜାତିର ବନ୍ୟଜନ୍ତୁଙ୍କ ଉପରେ ତା'ର ପ୍ରଭାବ ପଡିବ। ଫଳରେ ପ୍ରସ୍ତାବିତ ଅସିଆ-ଚାରିନଙ୍ଗଳ ସଂରକ୍ଷିତ ଜଙ୍ଗଲରୁ ବନ୍ୟଜନ୍ତୁ ଲୋପ ପାଇବେ। ପୂର୍ବରୁ ଏହି ଜଙ୍ଗଲରେ ହେଟାବାଘ, ଶମ୍ବର, କୁଟୁରା, ଖୁରାଣ୍ଟି, ହରିଣ, ବାରହା ଭଳି ବିରଳ ବନ୍ୟଜନ୍ତୁ ବହୁ ସଂଖ୍ୟାରେ ଥିଲେ। ବ୍ୟାପକ ଜଙ୍ଗଲ କ୍ଷୟ ଓ ବେଆଇନ ମୋରମ ଖନନ ଯୋଗୁ ସେମାନଙ୍କ ସଂଖ୍ୟା ହାତ ଗଣତିରେ ପହଞ୍ଚିଲାଣି। ଏହି ଜଙ୍ଗଲରୁ ହେଟାବାଘ, ଶମ୍ବର, ହରିଣ ଭଳି ବନ୍ୟଜନ୍ତୁ ଲୋପ ପାଇବାକୁ ବସିଲେଣି। ଗୋଟିଏ ପଟେ ଜଙ୍ଗଲ ବିଭାଗ ପକ୍ଷରୁ ପ୍ରତିବର୍ଷ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ବନୀକରଣ କରାଯାଇ ନୂତନ ଜଙ୍ଗଲ ସୃଷ୍ଟି କରାଯାଉଥିବା ବେଳେ ଏ ପଟେ ଜଙ୍ଗଲକୁ ଧ୍ୱଂସ କରାଯାଉଛି ବୋଲି ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ପୂର୍ବରୁ ରାଜସ୍ୱ ବିଭାଗ ପକ୍ଷରୁ ଯେତେଥର ଲିଜ୍ ଦିଆଯାଇଛି ଲିଜ୍‌ଧାରୀମାନେ ନିର୍ଦ୍ଧାରିତ ସୀମାଠାରୁ ଢେର ଅଧିକ ଅଞ୍ଚଳ ଖନନ କରିଛନ୍ତି। ଏହାଦ୍ୱାରା ବ୍ୟାପକ ଜଙ୍ଗଲ କ୍ଷୟ ହୋଇଛି। ଏହା ପରେ ବି ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ଅଭିଯୋଗ ହୋଇଛି। ପ୍ରଶାସନର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଏକାଧିକ ଥର ସ୍ଥାନୀୟ ଲୋକେ ଆନ୍ଦୋଳନ କରିଛନ୍ତି। ଏବେ ବି ଜିଲା ପ୍ରଶାସନ ଚୁପ୍ ହୋଇ ବସିଛି। ତୁରନ୍ତ ଉପରୋକ୍ତ ସମସ୍ୟା ସଂକ୍ରାନ୍ତରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ପୁଣି ଥରେ ଜନ ଆନ୍ଦୋଳନ ହେବ ବୋଲି ସୂଚନା ମିଳିଛି। ଏନେଇ ଦର୍ପଣ ତହସିଲଦାରଙ୍କ ସହିତ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ଲିଜ୍ ହୋଇଥିବା ମାଣ୍ଡୁକା ପାହାଡ଼।

## ଆବାସ ଯୋଜନାରେ ଯାଜପୁର ଜିଲା ପ୍ରଥମ

**ଯାଜପୁର ଅଫିସ,୧୭।୧୨:** ବିଭିନ୍ନ ଆବାସ ଯୋଜନାରେ ସାମୂହିକ ଗୃହ ପ୍ରବେଶ ପୂର୍ବରୁ ଯାଜପୁର ଜିଲାକୁ ବଡ଼ ସଫଳତା ମିଳିଛି। ପ୍ରାୟ ଏକ ସପ୍ତାହରୁ ଊର୍ଦ୍ଧ୍ୱ ଧରି ଲଗାତର ଦ୍ୱିତୀୟ ସ୍ଥାନରେ ଥିବା ଆବାସ ଗୃହର ସଫଳତା ବୁଧବାର ପ୍ରଥମ ସ୍ଥାନରେ ପହଞ୍ଚିଛି। ପଞ୍ଚାୟତିରାଜ ବିଭାଗର ଦୈନିକ ପରିସଂଖ୍ୟାନ ଆଧାରରେ ଏହି ସୂଚନା ମିଳିଛି। ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ନିର୍ଦ୍ଦେଶ ଓ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକଙ୍କ ତତ୍ତ୍ୱାବଧାନରେ ଏହି ସଫଳତା ମିଳିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ ସମସ୍ତ ବିଡିଓ, ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ କ୍ଷେତ୍ର ଅଧିକାରୀ ଓ ଲୋକ ପ୍ରତିନିଧିମାନଙ୍କ ନିରନ୍ତର ଅନୁଧ୍ୟାନ ପାଇଁ ଏହା ସମ୍ଭବ ହୋଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ହିତାଧିକାରୀଙ୍କ ନିଜ ଘରଟିଏ କରିବାର ସ୍ୱପ୍ନକୁ ଚରିତାର୍ଥ କରିବାର ମନୋଭାବ ଯୋଗୁ ଏହା ସମ୍ଭବ ହୋଇ ପାରିଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ କହିଛନ୍ତି। ଏହାକୁ ଜାରି ରଖି ଆସନ୍ତା ୨୫ ସୁଦ୍ଧା ଧାର୍ଯ୍ୟଲକ୍ଷ୍ୟ ପୂରଣ ପାଇଁ ସେ ଅନୁରୋଧ କରିଛନ୍ତି।




ବିଞ୍ଝାରପୁର ତହସିଲ କାର୍ଯ୍ୟାଳୟ ଆଗରେ ଗଣାଧାରଣା ଦେଇଥିବା କୃଷକ ସଙ୍ଗଠନର କର୍ମକର୍ତ୍ତା ଓ ଚାଷୀ।

## ବନ୍ୟା ସହାୟତା ଦାବିରେ ଗଣଧାରଣା

**ବିଞ୍ଝାରପୁର,୧୭।୧୨(ଡି.ଏନ.ଏ.)**

ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗୁରୁବାର ବିଞ୍ଝାରପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଅମ୍ଫନ ବାତ୍ୟା ଓ ଗତ ଅଗଷ୍ଟ ମାସରେ ହୋଇଥିବା ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଘରଭଙ୍ଗା ସହାୟତା, ଇନପୁଟ ସବସିଡି, ବିହନ ଓ କୃଷି ଋଣ ମିଳି ନ ଥିବାରୁ କୃଷକ ସଙ୍ଗଠନ ପକ୍ଷରୁ ଏହି ଗଣଧାରଣା ଦିଆଯାଇଥିଲା। ଚାଷୀମାନେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହାୟତାରୁ ବଞ୍ଚିତ ହୋଇ ସରକାରୀ ଅଫିସ ଦୌଡୁଥିଲେବି କିଛି ସୁବିଧା ପାଉ ନ ଥିବା ନେଇ ପୂର୍ବରୁ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଥିଲା। ଏଥିସହିତ ତୁରନ୍ତ କୃଷକଙ୍କ ସମସ୍ୟା ସମାଧାନ ନିମନ୍ତେ ପ୍ରଶାସନ ନିକଟରେ ଦାବି କରାଯାଇଥିଲା। ତେବେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦାବି ପୂରଣ ନ ହେବାରୁ କୃଷକ ସଂଗଠନର ବ୍ଲକ ସଭାପତି ସନାତନ ସାହୁ, ଭୁବନାନନ୍ଦ ସାମଲଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଗଣଧାରଣାରେ ବସି ରହିଥିଲେ। ଅପରାହ୍ନରେ ଅତିରିକ୍ତ ତହସିଲଦାର ଆରଣ୍ୟକ ସାମନ୍ତରାୟ ପହଞ୍ଚି ବୁଝାଶୁଝା କରିବା ସହିତ ୭ଦିନ ମଧ୍ୟରେ ବିହନ ଓ ଜାନୁୟାରୀ ୫ ସୁଦ୍ଧା ସହାୟତା ରାଶି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ କୃଷକ ସଂଗଠନ କର୍ମକର୍ତ୍ତା ଧାରଣାରୁ ଓହରି ଯାଇଥିଲେ। ଗଣଧାରଣାରେ ନିମାଇଁ ରାୟ, ଅଶୋକ ମହାନ୍ତି, ଦାଶରଥି ସାହୁ, ଦୋଳଗୋବିନ୍ଦ ଦାସ, ଚୌଧୁରୀ ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ଘରେ ପଶି ଆକ୍ରମଣ: ପରିବାରର ୩ ଗୁରୁତର

**ରସୁଲପୁର,୧୭।୧୨(ଡି.ଏନ.ଏ.)**

ଘରେ ପଶି ନାବାଳିକା ସମେତ ମା'ବାପାଙ୍କୁ ଆକ୍ରମଣ। କୁଆଖିଆ ଥାନା ଅଧୀନ ପ୍ରଥମାଖଣ୍ଡି ପଞ୍ଚାୟତ ଦାମଦୋରପୁର ଗ୍ରାମରେ ବୁଧବାର ରାତିରେ ଘଟିଛି ଏପରି ଘଟଣା। ଏ ନେଇ ନାବାଳିକାଙ୍କ ମା' ଝୁନା ମଲିକ ଗୁରୁବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୪୩୯/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ସେହି ଗ୍ରାମର ଅଭିଯୁକ୍ତ ଆନନ୍ଦ ମଲିକ, ରମେଶ ମଲିକ ଓ ବାବୁଆ ମଲିକ ନାବାଳିକାଙ୍କ ବାପା ପ୍ରଭାକର ଘରେ ନଥିବା ସମୟରେ ଧସେଇ ପଶି ନାବାଳିକାଙ୍କୁ ଟଣା ଓଟରା କରିଥିଲେ। ଚିତ୍କାର ଶୁଣି ନାବାଳିକାଙ୍କ ମା'ବାପା ଆସିଥିଲେ। ଫଳରେ ଅଭିଯୁକ୍ତମାନେ ଯାଇ ଏକ ବାଉଁଶ ଆଣି ବାପାଝିଅଙ୍କୁ ଆକ୍ରମଣ କରିଥିଲେ। ନାବାଳିକାଙ୍କ ମା' ସେମାନଙ୍କୁ ଛଡ଼ାଛଡି କରୁଥିବା ସମୟରେ ତାଙ୍କୁ ମାଧ ଅଭିଯୁକ୍ତମାନେ ମାଡ଼ ମାରିଥିଲେ। ଆକ୍ରମଣରେ ନାବାଳିକାଙ୍କ ସମେତ ମା'ବାପା ଗୁରୁତର ହୋଇଥିଲେ। ଗ୍ରାମବାସୀ ସେମାନଙ୍କୁ ମଧୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

ତେବେ ଘଟଣାର ମୁଖ୍ୟ ଅଭିଯୁକ୍ତ ଜଣେ ପେଷାଦାର ଗଣ୍ଡଗୋଳକାରୀ ବୋଲି ଜଣାପଡିଛି। ତାଙ୍କର ନାମରେ ଆଗରୁ ଏହି ଥାନାରେ ୨୮ ସେପ୍ଟେମ୍ବର, ୨୦୧୯, ୦୪ ଫେବୃୟାରୀ, ୨୦୨୦, ୨୦ ଫେବୃଆରୀ,୨୦୨୦ରେ ମାମଲା ରୁଜୁ ହୋଇଛି। ତେବେ ଏ ଦିଗରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସେ ବାରମ୍ବାର ଗଣ୍ଡଗୋଳ ଉପୁଯାଇ ଆଇନକୁ ହାତକୁ ନେଉଥିବା ଅଭିଯୋଗ ହୋଇଛି। ତାଙ୍କ ପଛରେ କେତେଜଣ ପ୍ରଭାବଶାଳୀ ଲୋକଙ୍କ ହାତ ଥିବା ସୂଚନା ମିଳିଛି। ଏ ସମ୍ପର୍କରେ କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ କହିଛନ୍ତି, ଅଭିଯୁକ୍ତ ବାରମ୍ବାର ଆଇନଶୃଙ୍ଖଳା ପରିସ୍ଥିତି ଉପୁଯାଉଛନ୍ତି। ତାଙ୍କ ବିରୋଧରେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନ୍ୟାୟ ଦାବିରେ ମହିଳାଙ୍କ ଧାରଣା

**ରସୁଲପୁର,୧୭।୧୨(ଡି.ଏନ.ଏ.)**

କୁଆଖିଆ ଥାନା କଲଣ ପଞ୍ଚାୟତର କଲ୍ୟାଣୀ ସାହୁଙ୍କୁ ଥାନାରୁ ନ୍ୟାୟ ମିଳୁନାହିଁ। ତେଣୁ ସେ ନ୍ୟାୟ ଦାବି କରି ଗୁରୁବାର ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ଥାନାଧିକାରୀ ପହଞ୍ଚି ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବାରୁ ସେ ଧାରଣାରୁ ଓହରିଥିଲେ। କଲ୍ୟାଣୀଙ୍କ ଅଭିଯୋଗ ଅନୁସାରେ, ୧୨ ତାରିଖରେ ତାଙ୍କୁ ଓ ପୁଅକୁ ଦିଅର ପ୍ରତାପ ଏବଂ ତାଙ୍କ ସ୍ତ୍ରୀ ପ୍ରଭାତୀ ଆକ୍ରମଣ କରିଥିଲେ। ଏନେଇ କଲ୍ୟାଣୀ ଅଭିଯୋଗ କରିବାରୁ ପୋଲିସ କେବଳ ମାମଲା ରୁଜୁ କରି ବସିପଡ଼ିଛି। ଘଟଣା ଦିନ ପୋଲିସ ତାଙ୍କ ପୁଅକୁ ଡାକ୍ତରଖାନା ନେଇଥିଲା। ହେଲେ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କଲେ ମା'ପୁଅ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି।

## ସମସ୍ତ କ୍ଷେତକୁ ହେବ ଜଳସେଚନ ସୁବିଧା



ପାଣି ପଞ୍ଚାୟତ ବୈଠକରେ ଯୋଗ ଦେଇଥିବା ସଦସ୍ୟ ଓ ଅନ୍ୟମାନେ।

**ସୁକିନ୍ଦା,୧୭।୧୨(ଡି.ଏନ.ଏ.):** ସୁକିନ୍ଦା ବ୍ଲକ ଦେଇ ପ୍ରବାହିତ ରେଙ୍ଗାଲି କେନାଲ ଅନ୍ତର୍ଭୁକ୍ତ ରାଧାକୃଷ୍ଣ ପାଣି ପଞ୍ଚାୟତର ପ୍ରଥମ ବୈଠକ ଗୁରୁବାର ନୂଆଡିହଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂଆଡ଼ିହ ସୋଠର ମାଇନର, ସବମାଇନର ଅଧୀନରେ ଥିବା ସମସ୍ତ ଚାଷୀଙ୍କ କ୍ଷେତକୁ କିପରି ଜଳସେଚନ ହୋଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏହାସହ ସଭ୍ୟ ସଂଗ୍ରହ ଓ ପାଣି ପଞ୍ଚାୟତ ସମ୍ପର୍କରେ ଅବଗତ କରାଯାଇଥିଲା। ପ୍ରଦ୍ୟୁମ୍ନ ମିଶ୍ର, ନିର୍ବାହୀ ଯନ୍ତ୍ରୀ ଅଦ୍ୱୈତ ମାଝି, ଅଶୋକ ପ୍ରଧାନ, ଅକ୍ଷୟ ସ୍ୱାଇଁ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କୁ ବିଭିନ୍ନ ବିଷୟରେ ସୂଚନା ଦେଇଥିଲେ। ପାଣି ପଞ୍ଚାୟତର ସଭାପତି ତପନ କୁମାର ନାୟକଙ୍କ ସମେତ ସଭ୍ୟମାନେ ଉପସ୍ଥିତ ଥିଲେ।

## ଡିସେମ୍ବର ୨୧ ସୁଦ୍ଧା ବକେୟା ଋଣ ମଞ୍ଜୁର ନିର୍ଦ୍ଦେଶ

**ନୟାଗଡ଼ ଅଫିସ,୧୭।୧୨:** ବୁଧବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସୃଜନ ସଭାଗୃହରେ ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ତ୍ରୈମାସିକ ଜିଲାସ୍ତରୀୟ ବ୍ୟାଙ୍କର୍ସ ବୈଠକ ଅନୁଷ୍ଠିତ ହୋଇଛି। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବକେୟା ଋଣକୁ ସମସ୍ତ ବ୍ୟାଙ୍କ ଆସନ୍ତା ୨୧ ସୁଦ୍ଧା ମଞ୍ଜୁର କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯେଉଁସବୁ ଅର୍ଥନୈତିକ ପ୍ୟାକେଜ୍ ଅଛି ତାହା ଡିସେମ୍ବର ୨୧ ସୁଦ୍ଧା ମଞ୍ଜୁର କରିବା ପାଇଁ ବୈଠକରେ ସ୍ଥିର ହୋଇଛି। ରାଜ୍ୟ ସରକାରଙ୍କ 'ବଳରାମ' ଯୋଜନାରେ ୧୯୨୬ ହିତାଧିକାରୀ ଜେଏଲ୍‌ଜି ଗ୍ରୁପ୍‌କୁ ଅଗ୍ରାଧିକାର ଭିତ୍ତିରେ ଋଣ ପ୍ରଦାନ ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏହାକୁ ତ୍ୱରାନିତ କରିବା ପାଇଁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଭୁବନେଶ୍ୱରରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଲିଡ୍ ବ୍ୟାଙ୍କ ମ୍ୟାନେଜର, ଜିଲାର ସମସ୍ତ ବ୍ୟାଙ୍କ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ, ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଚନ୍ଦ୍ରମୋହନ ମୁର୍ମୁ ଧନ୍ୟବାଦ ଦେଇଥିଲେ।

## କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା

**ରଶ୍ମିତା ମୃତ୍ୟୁ ମାମଲା**

**କେନ୍ଦ୍ରାପଡ଼ା ଅଫିସ, ୧୭।୧୨:**

କେନ୍ଦ୍ରାପଡା ବ୍ଲକ ନିକିରାଇ ଥାନା ବାରୋ ଗାଁର ଖଗେଶ୍ୱର ପରିଡାଙ୍କ ଝିଅ ରଶ୍ମିତାଙ୍କ ମୃତ୍ୟୁ ମାମଲାରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଭାଜପା ନେତା ଗୁରୁବାର ଦାବି କରିଛନ୍ତି। ସପ୍ତାହକ ମଧ୍ୟରେ ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ ହେବ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୂବନ ମୋହନ ଜେନା କହିଛନ୍ତି। ଭାଜପା ନେତା ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ବାରୋ ଗାଁର ପୂର୍ବାହ୍ନରେ ପହଞ୍ଚି ରଶ୍ମିତାଙ୍କ ପରିବାର ଲୋକଙ୍କଠାରୁ ସମସ୍ତ ତଥ୍ୟ ବୁଝିଥିଲେ। ଏ ସମ୍ପର୍କରେ ଜେନା ସୂଚନା ଦେଇଛନ୍ତି, ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଗଣଧାରଣାରେ ସାମିଲ ଥିବା ୧୧ ବର୍ଷୀୟା ରଶ୍ମିତାଙ୍କ ଭଉଣୀ ନ୍ୟାୟ ପାଇବାକୁ ଏଡିଏମ୍‌ଙ୍କ ଗୋଡ ଧରିବା ଘଟଣା ବିଚଳିତ କରିଛି। ରଶ୍ମିତା ନିକିରାଇ ଥାନା ଅନ୍ତର୍ଗତ ନିକିରାଇପାଟଣା ଗାଁର ପ୍ରଦ୍ୟୁମ୍ନ ଆଟୋଇଙ୍କୁ ୫ ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହ ପରଠାରୁ ରଶ୍ମିତାଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିଲା। ନଭେମ୍ବର ୧୩ରେ ରଶ୍ମିତାଙ୍କ ଶାଶୁ, ଶ୍ୱଶୁର, ଦିଅର ଓ ସ୍ୱାମୀ ମିଶି ମାରି ଦେବା ପରେ ପାଟିରେ ବିଷ ଢ଼ାଳି ଆତ୍ମହତ୍ୟାର ରୂପ ଦିଆଯାଇଥିବା ତାଙ୍କ ମା' ଭଗବତି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ନଂ. ୧୪୫/୨୦ରେ ମାମଲା ରୁଜୁ କରି ରଶ୍ମିତାଙ୍କ ସ୍ୱାମୀ ପ୍ରଦ୍ୟୁମ୍ନଙ୍କୁ ଗିରଫ କରିଥିଲା। ଏଥିସହ ରଶ୍ମିତାଙ୍କ ଝିଅ ଓ ପୁଅର ଖୋଜ ଖବର ନାହିଁ। ଭାଜପାର ଟିମ୍‌ରେ ନେତା ଦୁର୍ଯ୍ୟୋଧନ ସାହୁ, ଗଗନ କୁମାର ସାହୁ, ହେମନ୍ତ କୁମାର ପରିଡା ପ୍ରମୁଖ ସାମିଲ ହୋଇଥିଲେ।



ରଶ୍ମିତାଙ୍କ ବାପଘର ଲୋକଙ୍କୁ ଭେଟିବାକୁ ଯାଇଥିବା ଭାଜପା ନେତା।

## ମହିଳା ଶ୍ରମିକ ଉପେକ୍ଷିତ

- ମିଳୁନି ନିର୍ମାଣ ଶ୍ରମିକ ପରିଚୟପତ୍ର
- କୃଷି ଶ୍ରମିକ ଦର୍ଶାଇ କରାଯାଉନି ପଞ୍ଜୀକରଣ
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନିୟମକୁ ବେଖାତିର

**ନୟାଗଡ଼ ଅଫିସ,୧୭।୧୨**

ନୟାଗଡ଼ ଜିଲାରେ ମହିଳା ଶ୍ରମିକଙ୍କୁ ଅଣଦେଖା କରାଯାଉଛି। ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବର୍ଷକୁ ଅତି କମ୍‌ରେ ୯୦ ଦିନ କାମ କରିଥିଲେ ଜଣେ ମହିଳାଙ୍କର ନାଁ ନିର୍ମାଣ ଶ୍ରମିକ ଭାବେ ପଞ୍ଜୀକୃତ ହୋଇପାରିବ। ଆଇନ ଏଭଳି କହୁଥିଲେ ହେଁ କାର୍ଯ୍ୟକ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଆଇନକୁ ଶୀତଳଭଣ୍ଡାରକୁ ଫୋପାଡି ନିଜକୁ ସୁହାଇବା ଭଳି କାମ ଚାଲିଥିବାର ଅଭିଯୋଗ ହେଉଛି।

ମହିଳା ଶ୍ରମିକମାନଙ୍କୁ ନିର୍ମାଣ ଶ୍ରମିକର ପରିଚୟ ମିଳୁନି। ନିର୍ମାଣ ଶ୍ରମିକ ପରିଚୟ ଦେବାକୁ ବାଧକ ସାଜୁଛି ଜିଲା ଶ୍ରମ କାର୍ଯ୍ୟାଳୟ। କୃଷି ଶ୍ରମିକ କହି ଅଧିକାଂଶ ମହିଳାଙ୍କୁ ପଞ୍ଜୀକୃତ ନ କରି ଫେରାଇ ଦିଆଯାଉଛି ବୋଲି ଅଭିଯୋଗ ହୋଇଛି। ଜିଲା ଶ୍ରମ ବିଭାଗର ରିପୋର୍ଟ କହୁଛି, ନୟାଗଡ ଜିଲାରେ ମହିଳା ଶ୍ରମିକଙ୍କ ଅଭାବ ରହିଛି। ଏଠାରେ ୫୪ ହଜାର ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମହିଳାଙ୍କ ସଂଖ୍ୟା ମାତ୍ର ୧୩ ପ୍ରତିଶତ। ଏହାପରେ ବି ମହିଳା ଶ୍ରମିକ କମିବାର କାରଣ ଖୋଜାଯାଉନି। ତ୍ରୁଟି କେଉଁଠି ରହୁଛି ତା'ର ସମୀକ୍ଷା ହେଉନି। ମହିଳାମାନେ ନିଜ ଭିଟାମାଟି ଛାଡି ଅନ୍ୟତ୍ର କାମ କରୁଛନ୍ତି, ଯାହାର ନଜୀର ଭୁବନେଶ୍ୱରରେ ଦେଖିବାକୁ ମିଳୁଛି। ରାଜଧାନୀରେ ଯେଉଁ ମହିଳା ଶ୍ରମିକମାନେ କୋଠାବାଡି ପରି ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ସେଥିରୁ ପ୍ରାୟ ୮୦ ପ୍ରତିଶତଙ୍କ ଘର ନୟାଗଡ଼ ଜିଲାରେ ବୋଲି ଜଣାପଡିଛି।

'ନୟାଗଡ଼ର ଜଷ୍ଟିସ' ପକ୍ଷରୁ କରାଯାଇଥିବା ଏକ ସର୍ଭେ ରିପୋର୍ଟ ଅନୁଯାୟୀ, ମହିଳା ଶ୍ରମିକଙ୍କୁ ଅଣଦେଖା କରାଯାଉଥିବାରୁ ସେମାନେ ଜିଲା ବାହାରକୁ ଚାଲି ଯାଉଛନ୍ତି। ଭୁବନେଶ୍ୱରରେ ସେମାନଙ୍କ ସଂଖ୍ୟା ଅଧିକ। ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଏଭଳି କଥାକୁ ନିର୍ମାଣ ଶ୍ରମିକ ସେବା ସପ୍ତାହରେ ସ୍ୱୀକାର କରାଯାଇଛି। କାରଣ ଜିଲାରେ ମହିଳା ଶ୍ରମିକଙ୍କ ସଂଖ୍ୟା ଅଧିକ ଥିଲେ ହେଁ ସେମାନେ ପଞ୍ଜୀକୃତ ହୋଇପାରୁ ନାହାନ୍ତି। ଏନେଇ ନୟାଗଡ଼ର ରସାମତୀ ପ୍ରଧାନ, ଗଣିଆର ସୁନନ୍ଦା ସାହୁ କୁହନ୍ତି, କାମ ମାଗିଲେ ମିଳୁନି। କାମ ନ ମିଳିଲେ ବେକାରୀ ଭତ୍ତା ଦିଆଯିବାର ନିୟମ ରହିଛି। ହେଲେ ଆବେଦନପତ୍ର ଗ୍ରହଣ କରୁ ନ ଥିବାରୁ ବେରୋଜଗାର ଭତ୍ତା ଦିଆଯାଉନି। ସେହିଭଳି ଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଯନ୍ତ୍ର କରୁଛି। ମିଥ୍ୟା ଶ୍ରମ ଦିବସ ସୃଷ୍ଟି କରାଯାଇ ସବୁ କିଛି ଠିକ୍ ଚାଲୁଥିବା କାଗଜପତ୍ରରେ ଦର୍ଶାଯାଉଛି। ଏଥିରେ ନିଜକୁ ସୁହାଇବା ଭଳି ଜବ୍‌କାର୍ଡଧାରୀଙ୍କ ନାଁ ସାମିଲ କରାଯାଉଛି। ଯେଉଁମାନେ ପ୍ରତିବାଦ କରିବେ ନାହିଁ, କାମକୁ ନ ଆସି ସ୍ୱଳ୍ପ ଟଙ୍କାରେ ସନ୍ତୁଷ୍ଟ ରହିବେ ସେଭଳି ପୁରୁଷ ଲୋକଙ୍କ ନାଁ ସାମିଲ କରାଯାଉଛି। ଲୋକ ଦେଖାଣିଆ କିଛି ମହିଳା ଶ୍ରମିକଙ୍କ ନାଁ ସେହି ତାଲିକାରେ ଯୋଡ଼ା ଯାଉଛି। ଏଣୁ ମହିଳା ଶ୍ରମିକ କସ୍ମିନକାଳେ ୯୦ ଦିନର କାମ ପାଇ ପାରିବେନି କି ନିର୍ମାଣ ଶ୍ରମିକର ପରିଚୟ ପାଇବେ ନାହିଁ। ଯାହାକି ନୟାଗଡ଼ ଜିଲାରେ ଏକ ଚିରାଚରିତ ପ୍ରଥାରେ ପରିଣତ ହୋଇଛି। ଏନେଇ ସମସ୍ତେ ଅବଗତ ଥିଲେ ବି ପଦକ୍ଷେପ ଶୂନ। ଯଦି କେହି ପ୍ରତିବାଦ କରୁଛନ୍ତି ତାଙ୍କୁ ଅଯଥାରେ ମାରପିଟ୍, ଗାଳିଗୁଲଜ ସହିବାକୁ ପଡୁଛି। ଏଣୁ ମହିଳାମାନେ ଏପରି ପରିସ୍ଥିତିରେ ଦୂରେଇ ବାହାରେ କାମ କରି ପେଟ ପୋଷୁଛନ୍ତି।

ଏନେଇ ବେରୁଁଆବାରିର ଝରୀ ବେଓ୍ୱା, ଭଞ୍ଜ ନାୟକ ଓ କୁମୁଦିନୀ ସାହୁ କୁହନ୍ତି, ୩ ବର୍ଷ ତଳେ ନିର୍ମାଣ ଶ୍ରମିକ ପରିଚୟପତ୍ର ପାଇବା ପାଇଁ ଆବେଦନ କରିଥିଲୁ। ଆମର ଯିବା ଆସିବା, ଖାଦ୍ୟପେୟରେ ଜଣ ପିଛା ୨ରୁ ୩ ହଜାର ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ନିର୍ମାଣ ଶ୍ରମିକ ପରିଚୟ ପତ୍ର ମିଳୁନି। ଏଭଳି ସ୍ଥଳେ ଆଉ ପରିଚୟ ପତ୍ର ପାଇବୁ ବୋଲି ଆଶା ରଖିନୁ। ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ଲୋକନାଥ ପଣ୍ଡା କୁହନ୍ତି, ମହିଳାମାନେ ନିର୍ମାଣ ଶ୍ରମିକ ଭାବେ କାମ କରୁଥିଲେ ନିଶ୍ଚିତ ପରିଚୟ ପତ୍ର ପାଇବେ। ସେମାନଙ୍କୁ ପଞ୍ଜୀକୃତ କରାହେବ। ଏବେ ସ୍ୱଷ୍ଟ ଭେରିଫିକେଶନ କରି ସେମାନଙ୍କୁ ପଞ୍ଜୀକୃତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

